ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୬/୨୦୨୩ (୨୦ ପୃଷ୍ଠା) Bhubaneswar, Monday, March 6/2023 Page 20 ₹ 7.00

୪୯ଶ ଭାଗ ୧୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 102 ମୂଲ୍ୟ ₹୭/-

ନୋରିସଙ୍କୁ ୫ଉଇକେଟ ସଫଳତା

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ଡବ୍ଲ୍ୟୁପିଏଲ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର ଟାରା ନୋରିସ୍ ୫ଉଇକେଟ ସଫଳତା ହାସଲ କରିଛନ୍ତି।

୨୦ ୦୨

ବ୍ରେକ୍‌ଅପକୁ ନେଇ ମୁହଁ ଖୋଲିଲେ ସାରା

୨୦୨୦ ତାଙ୍କ ପାଇଁ ସବୁଠାରୁ ଖରାପ ବର୍ଷ ଥିଲା ବୋଲି ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ପ୍ରଥମ ଥର ପାଇଁ ବ୍ରେକଅପ୍‌କୁ ନେଇ ଏହା କହିଛନ୍ତି।

ବିଜୁ ସ୍ମୃତି ଉଜ୍ଜୀବିତ

ଲୋକାର୍ପିତ ହେଲା ଡାକୋଟା

ବିଜୁ ପଟ୍ଟନାୟକ ବିମାନବନ୍ଦରଠାରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଡାକୋଟା ବିମାନକୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବା ଅବସରରେ।

ଭୁବନେଶ୍ୱର, ୫।୩(ବ୍ୟୁରୋ)

ସ୍ୱାଧୀନତା ସଂଗ୍ରାମୀ, ଆଧୁନିକ ଓଡ଼ିଶାର ନିର୍ମାତା, ଦୁଃସାହସୀ ପାଇଲଟ୍ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଐତିହାସିକ ଡାକୋଟା ବିମାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଓଡ଼ିଆଙ୍କୁ ଦେଶ ପାଇଁ ସମର୍ପଣ ଭାବର ବାର୍ତ୍ତା ଦେବ: ମୁଖ୍ୟମନ୍ତ୍ରୀ

ଜାତି ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ନୂଆ ରୂପ ପାଇଥିବା ଏହି ବିମାନ 'ଡାକୋଟା ଡିସି-୩(ଭିଟି-ଏୟୁଆଇ)'କୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ତଥା ସାରା ଦେଶବାସୀଙ୍କ ପାଇଁ ଉତ୍ସର୍ଗୀକୃତ କରିଛନ୍ତି। ଏଥିସହ ସର୍ବସାଧାରଣଙ୍କ ☞ପୃଷ୍ଠା-୪

ରଙ୍ଗେଇଲୁଣ୍ଡାକୁ ଉଡ଼ିଲା ବିମାନ

ଭୁବନେଶ୍ୱର, (ବ୍ୟୁରୋ)/ ଗୋପାଳପୁର, ୫।୩(ଡି.ଏନ.ଏ.)

ବିଜୁ ବାବୁଙ୍କ ସ୍ୱପ୍ନ ଓ ଗଞ୍ଜାମ ଜିଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ରେଶମ ସହର ବ୍ରହ୍ମପୁର ଓ ମନ୍ଦିରମାଳିନୀ ସହର ଭୁବନେଶ୍ୱର ମଧ୍ୟରେ ବିମାନ ଚଳାଚଳ ଆରମ୍ଭ କରିଛି। ରବିବାର ବିଜୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପତାକା ଦେଖାଇ ଭୁବନେଶ୍ୱର-ରଙ୍ଗେଇଲୁଣ୍ଡା-ଭୁବନେଶ୍ୱର ବିମାନ ସେବାର ଶୁଭାରମ୍ଭ କରିଛନ୍ତି। ସେପଟେ ରଙ୍ଗେଇଲୁଣ୍ଡା ଟର୍ମିନାଲର ପ୍ରବେଶ ଦ୍ୱାରକୁ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ପ୍ରସ୍ଥାନ ଦ୍ୱାରକୁ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉଦ୍‌ଘାଟନ କରିଛନ୍ତି। ସକାଳ ୯ଟା ୩୩ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଇଣ୍ଡିଆ ୱାନ୍ ଏୟାରର ୯ ସିଟ୍ ବିଶିଷ୍ଟ ବିମାନଟି ୬ଜଣ ଯାତ୍ରୀଙ୍କୁ ନେଇ ପୂର୍ବାହ୍ନ ୧୦ଟା ୪୪ରେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ଅବତରଣ କରିଥିଲା। ପ୍ରଥମ ଉଡ଼ାଣର ☞ପୃଷ୍ଠା-୪

କ୍ଷମତାର ଗାତ

ତଥାଗତ ସତପଥୀ

ଗଣତନ୍ତ୍ରର ମୂଳଦୁଆ ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ପର୍ଯ୍ୟବସିତ। କିନ୍ତୁ ୫ ବର୍ଷରେ ଥରେ ହେଉଥିବା ନିର୍ବାଚନରେ ଭୋଟ ଦେଇଦେବା ପରେ ନାଗରିକର ଦାୟିତ୍ୱ ଶେଷ ହୁଏ ନାହିଁ। ଦୁର୍ଭାଗ୍ୟର ବିଷୟ, ସାଧାରଣ ଭାରତୀୟ ଭୋଟଦାତା ଦିନଟିଏ ଭୋଟ ଦେଇ ଚିନ୍ତା କରେ ଯେ ଆସନ୍ତା ୫ ବର୍ଷ କାଳ ଜିତିଥିବା ପ୍ରାର୍ଥୀ ତାଙ୍କ ସେବାରେ ଲାଗିରହିବେ। ସେଥିପାଇଁ ଅଧିକାଂଶ ନିର୍ବାଚିତ ପ୍ରତିନିଧିଙ୍କ ଉପରେ ଅବାଞ୍ଛିତ ଦାବି କରାଯାଇ ସେମାନଙ୍କୁ ଲୋକଲୋଚନରେ ଘୃଣିତ କରାଯିବାର ଉଦ୍ୟମ ହୋଇଥାଏ। ତେବେ ଏହିଭଳି ମନୋଭାବ ଯୋଗୁ ନିର୍ବାଚନ କମିଶନ (ଇସି)ଙ୍କ ଭୂମିକା ସର୍ବାଧିକ ଗୁରୁତ୍ୱ ବହନ କରିଥାଏ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଓ ନିର୍ବାଚନ କମିଶନରଙ୍କୁ ନିଯୁକ୍ତି ଦେଇ ଆସୁଛନ୍ତି। ତେବେ ୨ ମାର୍ଚ୍ଚରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ କହିଛନ୍ତି, ନିର୍ବାଚନ କମିଶନ୍‌ର ଏହି ପଦବୀ ଲାଗି ଦେଶର ରାଷ୍ଟ୍ରପତି ଏକ କମିଟିର ସୁପାରିସ ଅନୁଯାୟୀ ନିଯୁକ୍ତି ଦେବେ। ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା (ଯଦି ବିରୋଧୀ ଦଳ ନେତା ନ ଥାନ୍ତି, ତେବେ ଏକକ ସର୍ବବୃହତ୍ ବିରୋଧୀ ଦଳ ନେତା) ଏବଂ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ନେଇ ଉକ୍ତ କମିଟି ଗଠନ କରାଯିବ। ପୂର୍ବରୁ ଯେଉଁଭଳି ଭାବେ ମୁଖ୍ୟ ନିର୍ବାଚନ କମିଶନର ଓ ତାଙ୍କ ସହଯୋଗୀମାନେ ନିଯୁକ୍ତି ପାଇଆସୁଥିଲେ, ସେଥିରେ ସ୍ୱଚ୍ଛତା ରହୁ ନ ଥିବା ନେଇ ଅଭିଯୋଗ ହୋଇଥାଏ। କେନ୍ଦ୍ରରେ ଶାସନ କରୁଥିବା ସରକାରଙ୍କ ସୁପାରିସ ଆଧାରରେ ଏସବୁ ପଦବୀ ପୂରଣ ହେଉଥିବାରୁ ଏବେ ସୁପ୍ରିମକୋର୍ଟ ଯେଉଁ ରାୟ ଶୁଣାଇଛନ୍ତି, ତାହା ଦ୍ୱାରା ଇସି ନିରପେକ୍ଷ ହେବ ବୋଲି ଆଶା କରାଯାଉଛି। କାରଣ ସିଜେଆଇ ଓ ବିରୋଧୀ ଦଳ ନେତାଙ୍କ ସମ୍ପୃକ୍ତି ଯୋଗ୍ୟ ଓ ନିରପେକ୍ଷ ବ୍ୟକ୍ତିଙ୍କୁ ବାଛିବାରେ ସକ୍ଷମ ହେବେ ବୋଲି ନିଶ୍ଚିତତା ରହୁଛି। ଏହିଭଳି ପ୍ରୟୋଜନ ଭାରତରେ ବିଶେଷକରି ସାମ୍ପ୍ରତିକ ପରିସ୍ଥିତିରୁ ଉପୁଜିଥିବା ଭଳି ମନେହେଉଛି। ପ୍ରଥମେ ସର୍ବବୃହତ୍ (ଜନସଂଖ୍ୟାରେ) ଗଣତାନ୍ତ୍ରିକ ଦେଶ ଭାବେ ପରିଚିତ ଭାରତ ଏବେ ବିଶ୍ୱବ୍ୟାପୀ ଭାବମୂର୍ତ୍ତି ସଙ୍କଟରେ ପଡ଼ିଥିଲା ଭଳି ଜଣାପଡୁଛି। ଏହି ମନ୍ତବ୍ୟକୁ ବିରୋଧ କରୁଥିବା କେତେକ ଲୋକ କହିପାରନ୍ତି ଯେ ବିଦେଶୀଙ୍କ ମତ ଉପରେ ଆମ ଦେଶର ଭାଗ୍ୟ ନିର୍ଦ୍ଧାରିତ ହେବା ଉଚିତ ନୁହେଁ। ସେମାନଙ୍କ କଥାକୁ କାଟି ହେବ ନାହିଁ। ଅନ୍ୟପଟେ ବିଶ୍ୱର ଅନ୍ୟତମ ବୃହତ୍ ଅର୍ଥନୈତିକ ଶକ୍ତି ଭାବେ ଆବିର୍ଭାବ ହେବାକୁ ଇଚ୍ଛୁକ ଭାରତୀୟ ବ୍ୟବସ୍ଥାକୁ ତାହାର ବିଶ୍ୱ ଭାବମୂର୍ତ୍ତି ପ୍ରତି ବାଧ୍ୟବାଧକତାମୂଳକ ସଜାଗ ରହିବାକୁ ପଡ଼ିବ। ଦୁଇ ହାତରେ ତାଳି ବାଜେ। ପ୍ରଶଂସା ନେଲା ବେଳକୁ ଗୋରା ଲୋକ ଭଲ ଲାଗନ୍ତି, ନିନ୍ଦା ସହିବାକୁ ପଡ଼ିଲେ ସେହିମାନେ ଶତ୍ରୁ ବିବେଚିତ ହେଉଛନ୍ତି। ଏଭଳି କୂପମଣ୍ଡୁକ ନୀତି ଧରିବସିଲେ ବିଶ୍ୱଶକ୍ତି ହେବା ସମ୍ଭବପର ହେବ ନାହିଁ।

ଏବେ ନିର୍ବାଚନ କମିଶନ୍‌ର ମୁଖ୍ୟ ଓ ତାଙ୍କ ସହଯୋଗୀମାନଙ୍କ ନିଯୁକ୍ତି ସଂକ୍ରାନ୍ତ ସର୍ବୋଚ୍ଚ ଅଦାଲତଙ୍କ ରାୟ ଆସିବା ପରେ ସମାଜର କେତେକ ବର୍ଗ ଏହାକୁ ସ୍ୱାଗତ କରିଛନ୍ତି। ତେବେ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି), ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଏବଂ କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଭଳି ସାମ୍ବିଧାନିକ ଓ ବୈଧାନିକ ସଂସ୍ଥାରେ ହେଉଥିବା ମୁଖ୍ୟଙ୍କ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଥାଏ। ସିଏଜି, ଆର୍‌ବିଆଇ ଗଭର୍ନର ଏବଂ ୟୁପିଏସ୍‌ସି ଅଧ୍ୟକ୍ଷ ଓ ଏହାର ସଦସ୍ୟମାନେ ସରକାରୀ ସୁପାରିସ ଅନୁଯାୟୀ ନିଯୁକ୍ତି ପାଇଥାଆନ୍ତି। ତେଣୁ ଏ ଦିଗରେ ତୁରନ୍ତ ସଂସ୍କାର ଅଣାଯିବାର ଆବଶ୍ୟକତା ରହିଛି। ଏଥିସହିତ ରାଜ୍ୟପାଳମାନେ ମଧ୍ୟ ସେହି ପଦ୍ଧତିରେ ବଛାଯିବା ଦରକାର। ଦେଖାଯାଉଛି ଅବସରପ୍ରାପ୍ତ ଅମଲାତନ୍ତ୍ରୀ ଓ ବିଚାରପତି, ଯେଉଁମାନେ ଚାକିରି କାଳରେ ନିର୍ଦ୍ଦିଷ୍ଟ ଦଳ ବା ସରକାରଙ୍କ ସ୍ୱାର୍ଥ ରକ୍ଷା ଦିଗରେ କାର୍ଯ୍ୟ କରିଥାଆନ୍ତି ସେମାନଙ୍କୁ ରାଜ୍ୟପାଳ, ସିଏଜି, ରିଜର୍ଭ ବ୍ୟାଙ୍କ ଗଭର୍ନର ପଦବୀରେ ବସେଇ ଦିଆଯାଉଛି। ସେମାନେ ପାଦଚଟା ହେବା ପରିବର୍ତ୍ତେ ଭିନ୍ନ କିଛି ଭାବି ପାରୁନାହାନ୍ତି। ଏଠାରେ ମନେପଡ଼େ ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ଘଟଣା, ଯେଉଁଥିରେ ଏକ ଏକ୍‌ଜିକ୍ୟୁଟିଭ୍ ନିଷ୍ପତ୍ତି ବଳରେ ଭାରତର ଅର୍ଥ ବ୍ୟବସ୍ଥାକୁ ଛାରଖାର କରିଦିଆଯାଇଥିଲା। ଆର୍‌ବିଆଇ ଭଳି ଏକ ସ୍ୱାଧୀନ ଆର୍ଥିକ ସଂସ୍ଥାର କାର୍ଯ୍ୟଧାରା ସେହି ସମୟରେ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ତତ୍କାଳୀନ ଗଭର୍ନର ତାଙ୍କ ପଦବୀ ତ୍ୟାଗ କରିଥିଲେ ମଧ୍ୟ ତାହା ଭାରତୀୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇ ସାରିଥିଲା, ଯାହାର ପରିଣାମ ଦେଶ ଆଜି ମଧ୍ୟ ଭୋଗୁଛି। ଯେହେତୁ ଏହିସବୁ ସଂସ୍ଥାର ମୁଖ୍ୟ ଓ ସଦସ୍ୟମାନେ ସରକାରଙ୍କ ସୁପାରିସ ଅନୁଯାୟୀ ନିଯୁକ୍ତ ହୋଇଥାଆନ୍ତି, ସେହିମାନେ ସରକାରୀ ନିଷ୍ପତ୍ତିକୁ ପ୍ରଶ୍ନ କରିପାରି ନ ଥାନ୍ତି। ଲୌକିକ ଦୃଷ୍ଟିରୁ ଉକ୍ତ ପଦବୀଗୁଡ଼ିକ ସାମ୍ବିଧାନିକ ହୋଇଥିବାରୁ ସ୍ୱାଧୀନ ବୋଲି ବିବେଚିତ ହୋଇଥାଆନ୍ତି। ହେଲେ ଏହି ଧାରଣା ସମ୍ପୂର୍ଣ୍ଣ ଭିତ୍ତିହୀନ।

ସିଇସି ଓ ତାଙ୍କ ସହଯୋଗୀଙ୍କ ନିଯୁକ୍ତି ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପାଇବା ପରେ କେତେକେ ଅଦାଲତି ଭୂମିକାକୁ ନେଇ ପ୍ରଶ୍ନ ଉଠାଉଛନ୍ତି। ସବୁ କ୍ଷେତ୍ରରେ କୋର୍ଟ ହସ୍ତକ୍ଷେପକୁ ନାପସନ୍ଦ କରାଯାଉଛି। ଦେଖିବାକୁ ଗଲେ ଅନେକାଂଶରେ କୋର୍ଟଙ୍କ ଦ୍ୱାରା ଦିଆଯାଉଥିବା ମତ ଦେଶର ମଙ୍ଗଳରେ ଆସୁଛି। ଅନ୍ୟପକ୍ଷରେ କୋର୍ଟରେ ପଡ଼ି ରହୁଥିବା ଅସଂଖ୍ୟ ମାମଲା ପାଇଁ କେବଳ ବ୍ୟବସ୍ଥାକୁ ଦୋଷ ଦେଲେ ହେବ ନାହିଁ। ଏହା ସମସ୍ତେ ଜାଣିଛନ୍ତି ଯେ, ବହୁ ମାମଲାକୁ ଗଡ଼େଇ ନେବାରେ ଉଭୟ ଅଭିଯୋଗକାରୀ ଓ ଅଭିଯୁକ୍ତ ମହକିଲମାନେ ନିଜ ଓକିଲଙ୍କ ଉପରେ ଚାପ ପକାଇଥାଆନ୍ତି। ସମ୍ଭବତଃ ସେଥିପାଇଁ ଦେଶର ନିମ୍ନରୁ ଶୀର୍ଷ ଅଦାଲତଗୁଡ଼ିକରେ ବକେୟା ମାମଲା ସଂଖ୍ୟା ବଢ଼ିଚାଲିଛି। ୫ ବର୍ଷ ତଳେ କୁହାଯାଉଥିଲା ଦେଶର ସମସ୍ତ କୋର୍ଟରେ ୨ କୋଟିରୁ ଅଧିକ ମାମଲା ପଡ଼ି ରହିଥିଲା। ଏବେ ଦେଶର ଆଇନମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି, ଦେଶର ବିଭିନ୍ନ କୋର୍ଟରେ ୪ କୋଟି ୯୦ ଲକ୍ଷ ମାମଲା ପଡ଼ିରହିଛି। ତୁରନ୍ତ ମାମଲାର ସମାଧାନ ନ ହେଲେ ସଂଖ୍ୟା ୫ କୋଟି ଅତିକ୍ରମ କରିଯିବ। ଏହି ପରିପ୍ରେକ୍ଷୀରେ କୁହାଯାଇପାରିବ ଯେ, ଅଦାଲତ ବ୍ୟତୀତ ଦେଶରେ ଆହୁରି ଅନେକ ସରକାରୀ ବ୍ୟବସ୍ଥା ରହିଛି, ଯେଉଁଥିରେ ନ୍ୟାୟ ମିଳିବାର ଭିନ୍ନ ଉପାୟ ମଧ୍ୟ ସୃଷ୍ଟି କରାଯାଇଛି। ଜମିଜମା ସଂକ୍ରାନ୍ତ ରାଜସ୍ୱ ବିଭାଗ, ଆଇନ ଶୃଙ୍ଖଳା ପ୍ରତି ନିୟୋଜିତ ପୋଲିସ, ଆୟକର ବିଭାଗ, ଅବକାରୀ ଭଳି ଅନେକ ସରକାରୀ ସ୍ତର ରହିଛି, ଯେଉଁଠାରେ ସାଧାରଣ ନାଗରିକଙ୍କୁ ଯଥାସମ୍ଭବ ନ୍ୟାୟ ମିଳିପାରନ୍ତା। କିନ୍ତୁ ସେହିସବୁ ସଂସ୍ଥା ସମ୍ପୂର୍ଣ୍ଣ ଅପାରଗ ଓ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଥିବାରୁ ନ୍ୟାୟ ଦେଇପାରୁନାହାନ୍ତି। କୌତୂହଳର ବିଷୟ ହେଉଛି ଯେ, ବିରୋଧୀ ଦଳରେ ଥିବା ବେଳେ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ରାଜନେତା ଯେତେବେଳେ କ୍ଷମତାରେ ବସନ୍ତି ସେତେବେଳେ ସେମାନେ ମଧ୍ୟ ସମାନ ପ୍ରକାର ଗାତରେ ପଡ଼ନ୍ତି। ବଡ଼କଥା କହିବା ସହଜ, ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସଚ୍ଚୋଟତାର ଅଭାବ ଏମାନଙ୍କ ମଧ୍ୟରେ ଦେଖାଦିଏ। ମୋଟାମୋଟି କହିଲେ ଅଦାଲତି ବ୍ୟବସ୍ଥାକୁ ସବୁଆଡୁ ସହଯୋଗ ନ ମିଳିଲେ ସମାଧାନ ପନ୍ଥା ବାହାରିବା କଷ୍ଟକର। କେବଳ ସମାଲୋଚନା ଦ୍ୱାରା ବ୍ୟବସ୍ଥାରେ ଉନ୍ନତି ଅଣାଯାଇପାରିବ ନାହିଁ।

ସୂଚନା: ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର ସ୍ୱାସ୍ଥ୍ୟ ବିଜ୍ଞାନ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

ଭାରତର ୩ ଗୁଣା ଚାଇନା ପ୍ରତିରକ୍ଷା ବଜେଟ

ବେଜିଂ,୫।୩

ବିଶ୍ୱର ଦ୍ୱିତୀୟ ଶକ୍ତିଶାଳୀ ରାଷ୍ଟ୍ର ଚାଇନା ପ୍ରତିରକ୍ଷା ବଜେଟରେ ୭.୨% ବୃଦ୍ଧି ଘଟାଇଛି, ଯାହାକି ଗତବର୍ଷ ତୁଳନାରେ ସାମାନ୍ୟ ଅଧିକ। ଏଥର ଏହାର ପ୍ରତିରକ୍ଷା ବଜେଟ ୧.୫୫ ଟ୍ରିଲିୟନ୍ ୟୁଆନ୍ (ପ୍ରାୟ ୨୨୫ ବିଲିୟନ୍ ଆମେରିକୀୟ ଡଲାର) ରହିଛି। ଜଳ, ସ୍ଥଳ ଓ ଆକାଶ ପଥରେ ସାମରିକ ଶକ୍ତି ବଢ଼ାଉଥିବା ବେଜିଂର ଏହା ହେଉଛି ପ୍ରତିରକ୍ଷା ବଜେଟରେ କ୍ରମାଗତ ଅଷ୍ଟମ ବର୍ଷ ବୃଦ୍ଧି।

୨୦୨୩ରେ ଆମେରିକାର ପ୍ରତିରକ୍ଷା ବଜେଟ ପାଇଁ ୮୧୬ ବିଲିୟନ୍ ଡଲାର ଆବଣ୍ଟନ କରିଛି। ଏହା ପରେ ଚାଇନା ହେଉଛି ପ୍ରତିରକ୍ଷା କ୍ଷେତ୍ରରେ ସର୍ବାଧିକ ୨୨୫ ବିଲିୟନ୍ ଡଲାର ଖର୍ଚ୍ଚ କରୁଥିବା ରାଷ୍ଟ୍ର। ଭାରତ ତୁଳନାରେ ଚାଇନାର ପ୍ରତିରକ୍ଷା ବଜେଟ ତିନିଗୁଣା ଅଧିକ। ୨୦୨୩-୨୪ ଆର୍ଥିକବର୍ଷରେ ଭାରତର ପ୍ରତିରକ୍ଷା ବଜେଟ ୫.୯୪ ଲକ୍ଷ କୋଟି ଟଙ୍କା (ପ୍ରାୟ ୭୨.୬ ବିଲିୟନ୍ ଡଲାର)। ଗତବର୍ଷ ୭.୧% ବୃଦ୍ଧି ସହ ଚାଇନାର ପ୍ରତିରକ୍ଷା ବଜେଟ ୧.୪୫ ଟ୍ରିଲିୟନ୍ ୟୁଆନ୍ ରହିଥିଲା। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ର ଉଦ୍‌ଘାଟନୀ ଅଧିବେଶନରେ ଦେଶର ରବରଷ୍ଟାମ୍ପ୍ ପାର୍ଲାମେଣ୍ଟରେ ବିଦାୟୀ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍ ପୂର୍ବ ଲଦାଖରେ ଭାରତୀୟ ସେନା ସହ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍‌ଏ) ମୁହାଁମୁହିଁ ହେବା ବିଷୟର ଅବତାରଣା ନ କରି ସଶସ୍ତ୍ର ବଳର ସଫଳତା ସମ୍ପର୍କରେ ଉଚ୍ଚ ପ୍ରଶଂସା କରିଥିଲେ। ପିଏଲ୍‌ଏ ଦୃଢ଼ ଭାବେ ଓ ପ୍ରଭାବଶାଳୀ ଢଙ୍ଗରେ ଅନେକ ଅପରେଶନ୍ ତଥା ବଡ଼ ବଡ଼ ମିଶନକୁ ସୀମାରେ ସଫଳ କରିଛି। ଫଳରେ ଚାଇନାର ସାର୍ବଭୌମତ୍ୱ, ନିରାପତ୍ତା ଓ ☞ପୃଷ୍ଠା-୪

୩ ବର୍ଷରେ ୧୩୫ ଦେଶ ବୁଲିବ କ୍ରୁଜ୍

ଆଙ୍କାରା,୫।୩

ଯାତ୍ରା ଯେତେ ରୋମାଞ୍ଚକର ହେବ, ତାହା ଚିରଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବ। ତେବେ ଜଳଯାତ୍ରାକୁ ଅଧିକ କୌତୂହଳଯୁକ୍ତ କରିବା ପାଇଁ ମିରେ କ୍ରୁଜେସ୍ କମ୍ପାନୀ ଏକ ନିଆରା କ୍ରୁଜ୍ ଯାତ୍ରର ଆରମ୍ଭ କରିବାକୁ ଯାଉଛି। ଯେଉଁ ବ୍ୟକ୍ତିବିଶେଷମାନଙ୍କୁ

ବାର୍ଷିକ ଭଡ଼ା ୩୦,୦୦୦ ଡଲାର

ଜଳଯାତ୍ରା କରିବା ପସନ୍ଦ ସେମାନେ ଏଣିକି ଗୋଟିଏ ସପ୍ତାହ କି ଦୁଇ ସପ୍ତହ ନୁହେଁ ବରଂ ଏକାଧିକ ବର୍ଷ ଜଳଯାତ୍ରା କରିପାରିବେ। ଜଳଯାତ୍ରା କରିବାକୁ ପସନ୍ଦ କରୁଥିବା ଲୋକ ୩ ବର୍ଷ ଜାହାଜରେ ରହିବା ସହ ୭ଟି ମହାଦେଶର ପ୍ରାୟ ୧୩୫ ଦେଶ ବୁଲିବାର ସୁଯୋଗ ପାଇପାରିବେ। ☞ପୃଷ୍ଠା-୪


ସର୍ବପ୍ରଥମେ ଜୀବନ ବୀମା
G20
ପ୍ଲାନ କରନ୍ତୁ ନିଜର ଲାଇଫ୍‌ଟାଇମ୍ ପାଇଁ
ଗ୍ୟାରଣ୍ଟୀଡ୍ ମାସିକ ଆୟ ଏବେ
ଆମର ବର୍ଦ୍ଧିତ ଆନୁଇଟୀ ରେଟ୍‌ସ ଯୋଗେ
ଆନୁଇଟୀ ଆରମ୍ଭ ହୋଇପାରେ
ଏକ ବର୍ଷର ଅନ୍ୟୂନ ଡିଫରମେଣ୍ଟ ଅବଧି ପରେ ।
2 ବର୍ଷ
4 ବର୍ଷ
6 ବର୍ଷ
12 ବର୍ଷ
ଏଲଆଇସି'ର ନୂଆ
ଜୀବନ ଶାନ୍ତି
UIN-512N338V04 • Plan No. 858
ଏକ ନନ୍-ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଙ୍ଗ, ଇଣ୍ଡିଭିଜୁଆଲ୍, ସିଙ୍ଗଲ୍ ପ୍ରିମିଅମ, ଡ଼େଫରଡ଼ ଆନୁଇଟୀ ପ୍ଲାନ
ସର୍ବାଧିକ ଡିଫରମେଣ୍ଟ ଅବଧି
ଆନୁଇଟୀ ପ୍ଲାନ ସକାଶେ
ଅନ୍‌ଲାଇନ୍ ରେ ବି ମିଳୁଛି
ଫିକ୍ସଡ ଆନୁଇଟୀ ରେଟ୍‌ସ ପଲିସୀ ଆରମ୍ଭରୁ
ମଲ୍‌ଟିପଲ୍ ଆନୁଇଟୀ ବିକଲ୍‌ପସବୁ
ଲନ୍‌ଗ୍ରୀଜିଙ୍ଗ ଡେଥ୍ ବେନିଫିଟ ଡିଫରମେଣ୍ଟ ପିରିଅଡ୍ ବେଳେ
ଆମର ହ୍ୱାଟ୍‌ସଆପ୍ ନ.: 8976862090
'Hi' କୁହନ୍ତୁ
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital
ଦେଖନ୍ତୁ: licindia.in
କଲ୍ ସେଣ୍ଟର ସର୍ଭିସ : (022) 6827 6827
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ/ ଦେଖନ୍ତୁ: www.licindia.in ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/P1/2022-23/23/Ori
ନକଲି ଫୋନ କଲ୍ ତଥା ଅବାସ୍ତବ/ପ୍ରତାରଣାପୂର୍ଣ୍ଣ ଅଫର୍ ପ୍ରତି ସାବଧାନ । ଆଇଆର୍‌ଡିଏଆଇ ଇନ୍‌ସ୍ୟୋରାନ୍‌ସ ପଲିସୀ ବିକ୍ରୀ, ବୋନସ ଘୋଷଣା ବା ପ୍ରିମିଅମସବୁ ବିନିଯୋଗ କରିବା ଭଳି କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ନଥାଏ । ଏଭଳି ଫୋନ କଲ୍ ପାଇବା ବ୍ୟକ୍ତି ପୁଲିସରେ ଅଭିଯୋଗ ଦାୟର କରିବାକୁ ଅନୁରୋଧ । ଆପଦ ତଥ୍ୟାବଳୀ, ସର

ଛାତ୍ରୀଙ୍କୁ ଅସଦାଚରଣ: ପ୍ରିନ୍ସିପାଲ, ଶିକ୍ଷକଙ୍କ ନାଁରେ ମାମଲା

ମଧ୍ୟପ୍ରଦେଶର ଡିଣ୍ଡୋରି ଜିଲାରେ ଥିବା ଏକ ସ୍କୁଲ୍‌ରେ ଛାତ୍ରୀମାନଙ୍କୁ ମାଡ଼ ଦିଆଯିବା ସହ ଅସଦାଚରଣ କରାଯାଉଥିବା ଅଭିଯୋଗକ୍ରମେ ସ୍କୁଲ୍ ପ୍ରିନ୍ସିପାଲ, ଶିକ୍ଷକ, ପାଦ୍ରୀ ଓ ନନ୍‌ଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେମାନଙ୍କ ବିରୋଧରେ ଆଇପିସିର ଧାରା ୩୫୪ ସମେତ ପୋକ୍ସୋ ଆଇନ ଏବଂ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ପାଦ୍ରୀ ଜଣକ ସ୍କୁଲ୍‌ର କେୟାର ଟେକର ଥିଲେ।

ସଂକ୍ଷେପରେ

ଠାଣେର ୫ ବିଲ୍ଡିଂରେ ଫାଟ

୨୫୦ ପରିବାରକୁ ଖାଲି କରାଗଲା

ଠାଣେ, ୫।୩: ମହାରାଷ୍ଟ୍ର ଠାଣେ ଜିଲାର ଡୋମ୍ବିଭାଲିରେ ଥିବା ୫ ବିଲ୍ଡିଂ ବିଶିଷ୍ଟ ଆବାସିକ କମ୍ପ୍ଲେକ୍ସର ପିଲାରଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ସ୍ଲାବ୍ ଦବିବାରୁ ସେଥିରେ ରହୁଥିବା ୨୫୦ ପରିବାରକୁ ସମ୍ପୂର୍ଣ୍ଣ ଖାଲିକରିଦିଆଯାଇଛି। ଶନିବାର ରାତି ୧୧ଟାରେ ଏହି ଫାଟ ନଜରକୁ ଆସିବା ପରେ ଅଗ୍ନିଶମ, ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିବାରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ୧୯୯୮ରେ ନିର୍ମିତ ଏହି ବିଲ୍ଡିଂଗୁଡ଼ିକ ବିପଦପୂର୍ଣ୍ଣ ଅଟ୍ଟାଳିକା ତାଲିକାରେ ନ ଥିଲା। ଏହାର ଭିତ୍ତି ଯାଞ୍ଚ ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି।

ବିମାନ ପାଇଖାନାରୁ ୨ କୋଟିର ସୁନା ଜବତ

ନୂଆଦିଲ୍ଲୀ, ୫।୩: ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇ)ରେ ସୀମାଶୁଳ୍କ ଅଧିକାରୀମାନେ ରବିବାର ଏକ ବିଦେଶୀ ବିମାନ ଟଏଲେଟ୍‌ରୁ ୨ କୋଟି ଟଙ୍କା ମୂଲ୍ୟର ସୁନା ବାର୍ ଜବତ କରିଛନ୍ତି। ଆଇଜିଆଇର ୨ ନମ୍ବର ଟର୍ମିନାଲରେ ବିମାନଟି ଅନ୍ତର୍ଜାତୀୟ ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଥିବାବେଳେ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇ ଅଫିସରମାନେ ଏହାକୁ ଯାଞ୍ଚ କରିଥିଲେ। ଏହି ସମୟରେ ବିମାନ ୱାଶରୁମ୍‌ରେ ଲାଗିଥିବା ସିଙ୍କ୍ ତଳେ ଅଠାଯୁକ୍ତ ଟେପ୍‌ରେ ଏକ ପୁଡ଼ିଆ ଲାଗିଥିବା ଦେଖିବାକୁ ମିଳିଥିଲା। ଉକ୍ତ ପୁଡ଼ିଆରେ ୪ଟି ସୁନା ବାର୍ ଥିଲା, ଯାହାର ମୋଟ ଓଜନ ୩୯୬୯ ଗ୍ରାମ। ଏହାର ମୂଲ୍ୟ ୧,୯୫,୭୨,୪୦୦ ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ହାଜତରେ ସିସୋଡିଆଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି: ଏଏପି

ନୂଆଦିଲ୍ଲୀ, ୫।୩: ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ସିବିଆଇ ହାଜତରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଏଏପି ଅଭିଯୋଗ କରିଛି। ମିଥ୍ୟା ସ୍ୱୀକାରୋକ୍ତିରେ ଦସ୍ତଖତ କରିବାକୁ ସିବିଆଇ ଅଧିକାରୀମାନେ ସିସୋଡିଆଙ୍କୁ ବାଧ୍ୟ କରୁଥିବା ବରିଷ୍ଠ ଏଏପି ନେତା ସଞ୍ଜୟ ସିଂ ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ପ୍ରକୃତ କଥା ହେଲା, ସିସୋଡିଆଙ୍କୁ ଦୁର୍ନୀତିଗ୍ରସ୍ତ ଦର୍ଶାଇବା ପାଇଁ ସିବିଆଇ ପାଖରେ କୌଣସି ପ୍ରମାଣ ନାହିଁ। ସେ ଯେପରି ଭୁଲ୍ ସ୍ୱୀକାର କରିବେ ସେଥିପାଇଁ ସିବିଆଇ ଅଧିକାରୀମାନେ ନିର୍ଯାତନା ଜରିଆରେ ତାଙ୍କ ଉପରେ ଚାପ ପକାଇ ଆସୁଛନ୍ତି ବୋଲି ସଞ୍ଜୟ କହିଛନ୍ତି।

ପ୍ରୀତ୍ କୌର ଗିଲ୍‌ଙ୍କୁ ଧମକପୂର୍ଣ୍ଣ ଇ-ମେଲ୍

ଲଣ୍ଡନ, ୫।୩: ବ୍ରିଟେନ୍‌ର ପ୍ରଥମ ଶିଖ୍ ମହିଳା ଏମ୍‌ପି ପ୍ରୀତ୍ କୌର ଗିଲ୍‌ଙ୍କୁ ଧମକ ପୂର୍ଣ୍ଣ ମେଲ୍ ମିଳିବା ପରେ ସେ ତାଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦେଇଥିବା କହିଛନ୍ତି। 'ତୁମ ପଛକୁ ଚାହଁ' ବୋଲି ଏକ ଧମକ ପ୍ରୀତଙ୍କୁ ଇ-ମେଲ୍ ଜରିଆରେ ମିଳିଥିବା ସେ ସୂଚନା ଦେଇଛନ୍ତି। ଅପୋଜିଶନ୍ ଲେବର ଏମ୍‌ପି ବର୍ତ୍ତମାନ ନିଜ ପରିବାର ସୁରକ୍ଷାକୁ ନେଇ ଚିନ୍ତିତ ଥିବା ଶନିବାର ଏକ ସାକ୍ଷାତ୍‌କାର୍‌ରେ କହିଛନ୍ତି। ଧମକ ସମ୍ପର୍କରେ ପ୍ରୀତ୍ ୱେଷ୍ଟ ମିଡଲାଣ୍ଡ ଥାନାରେ ଅଭିଯୋଗ କରିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ସେ ଏବେ ଦେହରକ୍ଷୀଙ୍କୁ ନିୟୋଜିତ କରିଛନ୍ତି।

ତାଇୱାନ୍‌କୁ ମିଶ୍ରଣ ପ୍ରସ୍ତାବ ଦେଲା ଚାଇନା

ବେଜିଂ/ତାଇପେଇ,୫।୩

ଲି କେକିଆଙ୍ଗ୍



ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍ ରବିବାର ତାଇୱାନ୍‌କୁ 'ଶାନ୍ତିପୂର୍ଣ୍ଣ ପୁନଃ ଏକତ୍ରୀକରଣ' ପ୍ରସ୍ତାବ ଦେଇଛନ୍ତି। ଏଥିସହ ତାଇୱାନ୍‌ର ସ୍ୱାଧୀନତାକୁ ବିରୋଧ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ଉପରେ ମତ ରଖିଛନ୍ତି। ଅନ୍ୟପକ୍ଷେ ଗଣତନ୍ତ୍ର ଓ ସ୍ୱାଧୀନତା ପ୍ରତି ତାଇୱାନ୍‌ବାସୀଙ୍କ ପ୍ରତିଶ୍ରୁତିବଦ୍ଧତାକୁ ବେଜିଂ ସମ୍ମାନ ଦେବା ଉଚିତ ବୋଲି ତାଇପେଇ ଜବାବ ଦେଇଛି।

ତାଇୱାନ୍‌କୁ ନିଜ ଭୂଖଣ୍ଡ ବୋଲି ଦାବି କରୁଥିବା ଚାଇନା ୩ ବର୍ଷ ହେଲା ଗଣତାନ୍ତ୍ରିକ ଦ୍ୱୀପରାଷ୍ଟ୍ର ନିକଟରେ ନିଜ ସାମରିକ କାର୍ଯ୍ୟକଳାପ ବଢ଼ାଇଚାଲିଛି। ତାଇୱାନ୍ ସପକ୍ଷରେ ଆମେରିକାର ହସ୍ତକ୍ଷେପକୁ ନେଇ ବେଜିଂ କ୍ଷୁବ୍ଧ ହୋଇଛି। ଗତ ଅଗଷ୍ଟରେ ତାଇୱାନ୍ ବିରୋଧରେ ଚାଇନା 'ୱାର୍ ଗେମ୍' ଆରମ୍ଭ କରିଥିବାବେଳେ ଆମେରିକାର ତତ୍କାଳୀନ ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧିର କାରଣ ପାଲଟିଥିଲା। ଚାଇନା ପାର୍ଲାମେଣ୍ଟର ବାର୍ଷିକ ବୈଠକ ଆରମ୍ଭରେ ବିଦାୟୀ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍ କହିଛନ୍ତି, ବେଜିଂ ନିଜର 'ୱାନ୍ ଚାଇନା' ସିଦ୍ଧାନ୍ତକୁ ବଜାୟ ରଖିଛି। ୱାନ୍ ଚାଇନା ପ୍ରିନ୍ସିପୁଲ୍ ଅନୁସାରେ ତାଇୱାନ୍ ହେଉଛି ଚାଇନାର ଏକ ଅଂଶ। ପ୍ରଣାଳୀପାର ସମ୍ପର୍କରେ ଶାନ୍ତିପୂର୍ଣ୍ଣ ବିକାଶ ଏବଂ ଚାଇନାର ଶାନ୍ତିପୂର୍ଣ୍ଣ ଏକତ୍ରୀକରଣ ପ୍ରକ୍ରିୟାକୁ ଆମେ ପ୍ରୋତ୍ସାହନ ଦେବା ଉଚିତ ବୋଲି ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲରେ ପ୍ରାୟ ୩,୦୦୦ ପ୍ରତିନିଧିଙ୍କୁ ସମ୍ବୋଧିତ କରି ଲି କହିଛନ୍ତି।

ତାଇୱାନ୍‌ର ଅଧିକାଂଶ ଲୋକ ଏକଚ୍ଛତ୍ରବାଦ ଶାସନ ଚାଲିଥିବା ଚାଇନାରେ ମିଶ୍ରଣ ଚାହୁଁ ନାହାନ୍ତି। କାରଣ ଚାଇନା ବଳପୂର୍ବକ ତାଇୱାନ୍‌କୁ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଉଦ୍ୟମ କରିଆସିଛି। ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍ ଚାଇନାକୁ ବାରମ୍ବାର ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ ହେଁ ବେଜିଂ ତାଙ୍କୁ ଜଣେ ବିଚ୍ଛିନ୍ନତାବାଦୀ କହି ଅଗ୍ରାହ୍ୟ କରିଚାଲିଛି। ତେଣୁ ଏହି ଦ୍ୱୀପରାଷ୍ଟ୍ରର ୨୩ ନିୟୁତ ଲୋକ ହିଁ ନିଜ ଭବିଷ୍ୟତ ନିଷ୍ପତ୍ତି ନେଇପାରିବେ ବୋଲି ତାଇୱାନ୍ ସରକାର କହିଛନ୍ତି। ୨୦୨୪ ଆରମ୍ଭରେ ତାଇୱାନ୍‌ରେ ହେବାକୁ ଥିବା ରାଷ୍ଟ୍ରପତି ଓ ସଂସଦୀୟ ନିର୍ବାଚନ ବେଳେ ଚାଇନା ବିଭ୍ରାଟ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି।

ମହିଳାଙ୍କ ଅନ୍ତଃବସ୍ତ୍ର ପିନ୍ଧିଲେ ପୁରୁଷ ମଡେଲ୍

ବେଜିଂ, ୫।୩

ଚାଇନାରେ ମହିଳା ଅନ୍ତଃବସ୍ତ୍ର ପିନ୍ଧି ଅନ୍‌ଲାଇନ୍‌ରେ ମଡେଲିଂ କରିବା ନିଷିଦ୍ଧ ହେବା ପରେ ଚାଇନାର ଏକ ଲାଇଭ୍‌ଷ୍ଟ୍ରିମ୍ ଫ୍ୟାଶନ୍ କମ୍ପାନୀ ଏ କାମରେ ଏବେ ପୁରୁଷଙ୍କୁ ନିୟୋଜିତ କରିଛି। ମହିଳାଙ୍କ ପାଇଁ 'ଉପଲବ୍ଧ ପୁସ୍-ଅପ ବ୍ରା' ଠାରୁ ଆରମ୍ଭ କରି ଲେସ୍-ଟ୍ରିମ୍‌ଡ ନାଇଟ୍ ଗାଉନ୍‌ସ ଓ ସ୍ୱଗ୍ କୋର୍‌ସେଟ୍ ପୁରୁଷ ମଡେଲ୍‌ମାନେ ପିନ୍ଧିଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ଲାଇଭ୍‌ଷ୍ଟ୍ରିମ୍ ବିଜ୍‌ନେସର ମାଲିକ ଜୁ ଏହାର ଭିଡିଓ ଅନ୍‌ଲାଇନ୍ ପ୍ଲାଟଫର୍ମରେ ଅପ୍‌ଲୋଡ୍ କରିଛନ୍ତି। ଭିଡିଓ ଶେୟାର ହେବା ପରେ ଏହାକୁ ୨,୦୦୦ ଲାଇକ୍ ମିଳିଛି। ତେବେ ମହିଳାମାନଙ୍କୁ ଅନ୍ତଃବସ୍ତ୍ରରେ ମଡେଲିଂ କରିବାକୁ ନ ଦେବା ଏବଂ ପୁରୁଷଙ୍କୁ ମହିଳାଙ୍କ ଅନ୍ତଃବସ୍ତ୍ର ପିନ୍ଧାଇ ମଡେଲିଂ କରେଇବାକୁ ନେଇ ସୋସିଆଲ ମିଡିଆ ୟୁଜର୍ସ କମେଣ୍ଟ ମାଧ୍ୟମରେ ସେମାନଙ୍କ ମତ ଦେଇଛନ୍ତି।

ଜାକର୍ତ୍ତାର ଇନ୍ଧନ ଡିପୋ ନିଆଁରେ ଘରଦ୍ୱାର ହରାଇ କାନ୍ଦୁଥିବା ଜଣେ ମହିଳାଙ୍କୁ ତାଙ୍କ ସମ୍ପର୍କୀୟ ସାନ୍ତ୍ୱନା ଦେଉଛନ୍ତି।

ଇନ୍ଧନ ଡିପୋରେ ନିଆଁ: ୧୯ ମୃତ

ଜାକର୍ତ୍ତା, ୫।୩

ଇଣ୍ଡୋନେସିଆର ଏକ ଇନ୍ଧନ ଡିପୋରେ ଶୁକ୍ରବାର ରାତିରେ ନିଆଁ ଲାଗିଯିବାରୁ ୧୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩ ଜଣଙ୍କ ପତ୍ତା ମିଳୁନାହିଁ। ନିଖୋଜଙ୍କୁ ଖୋଜି ବାହାର କରିବା ଲାଗି ଉଦ୍ଧାରକାରୀ ଟିମ୍ ଓ ଅଗ୍ନିଶମ କର୍ମଚାରୀମାନେ ଉଦ୍ୟମ ଚଳାଇଛନ୍ତି। ରାଜଧାନୀ ଜାକର୍ତ୍ତା ନିକଟରେ ଥିବା ରାଷ୍ଟ୍ରାୟତ୍ତ ତୈଳ ଓ ଗ୍ୟାସ୍ କମ୍ପାନୀ ପେର୍ଗମିନାର ପ୍ରମ୍ପାଙ୍ଗ୍ ଇନ୍ଧନ ଡିପୋରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟବର୍ତ୍ତୀ ଘରଗୁଡ଼ିକ ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ଡିପୋ ଇଣ୍ଡୋନେସିଆର ୨୫ ପ୍ରତିଶତ ଇନ୍ଧନ ଆବଶ୍ୟକତା ପୂରଣ କରୁଥିଲା। ନିଆଁଲିଭା କାର୍ଯ୍ୟରେ ୫୨ ଦଳକଳ ଗାଡ଼ି ଓ ୨୬୦ କର୍ମଚାରୀ ନିୟୋଜିତ ହୋଇଥିଲେ।

ଇମ୍ରାନ୍‌ଙ୍କୁ ଗିରଫ କରିପାରିଲାନି ପୋଲିସ

ଲାହୋର, ୫।୩



ଇମ୍ରାନ୍ ଖାନ୍

ତୋଶଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଗିରଫ୍ କରିବା ପାଇଁ ଇସ୍‌ଲାମାବାଦ୍ ପୋଲିସ ରବିବାର ତାଙ୍କ ଲାହୋର ବାସଭବନରେ ପହଞ୍ଚିଥିଲା। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷଙ୍କୁ ପୋଲିସ ଟିମ୍ ବହୁ ଖୋଜାଖୋଜି ପରେ ମଧ୍ୟ ପାଇ ନ ଥିଲା। ଇତି ମଧ୍ୟରେ ଇମ୍ରାନ୍ ଆସନ୍ତା ୭ ତାରିଖରେ କୋର୍ଟରେ ହାଜର ହେବେ ବୋଲି ତାଙ୍କ ଲିଗାଲ୍ ଟିମ୍ ପ୍ରତିଶ୍ରୁତି ଦେବା ପରେ ପୋଲିସ ଫେରିଥିଲା। ପିଟିଆଇ ସମର୍ଥକମାନେ ସମ୍ଭାବ୍ୟ ଗିରଫଦାରି ବିରୋଧରେ ବିକ୍ଷୋଭ କରିଥିଲେ। ଫେବୃୟାରୀ ୨୮ରେ ଇମ୍ରାନ୍ କୋର୍ଟରେ ହାଜର ହୋଇ ନ ଥିବାରୁ ଗତ ସପ୍ତାହରେ ତାଙ୍କ ବିରୋଧରେ ଜାମିନ୍ ବିହୀନ ଗିରଫ୍ ପରୱାନା ଜାରି କରାଯାଇଥିଲା। ଇମ୍ରାନ୍ କହିଛନ୍ତି, ସେ କୋର୍ଟରେ ହାଜର ହେବା ପାଇଁ ଯିବାବେଳେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ହତ୍ୟା କରାଇପାରନ୍ତି। ତାଙ୍କ ବିରୋଧରେ ୭୪ଟି ମିଥ୍ୟା ମାମଲା ରୁଜୁ କରାଯାଇଥିବାରୁ ସେ ପାକିସ୍ତାନର ପ୍ରଧାନ ବିଚାରପତିଙ୍କ ନିକଟକୁ ପତ୍ର ଲେଖିବେ।

ବେଆଇନ ପ୍ରବାସୀଙ୍କୁ ବ୍ରିଟେନ୍ ମନା

ଲଣ୍ଡନ, ୫।୩

ପ୍ରବାସୀଙ୍କୁ ବ୍ରିଟେନ୍‌ରେ ବେଆଇନ ଢଙ୍ଗରେ ରହିବାକୁ ଅନୁମତି ଦିଆଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଋଷି ସୁନକ ରବିବାର ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ଏ ନେଇ ଆସନ୍ତା ସପ୍ତାହରେ ନୂଆ ନିୟମ ଲାଗୁ କରାଯିବ। ଆଇନ ପ୍ରଣେତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନୂଆ ନିୟମ ଅନୁସାରେ ୟୁରୋପ୍ ଦେଇ ବ୍ରିଟେନ୍ ଆସୁଥିବା ଛୋଟ ଜାହାଜଗୁଡ଼ିକ ଉପରେ କଡ଼ା ନଜର ରଖାଯିବ। ଗତବର୍ଷ ୪୫,୦୦୦ ପ୍ରବାସୀ ବ୍ରିଟେନରେ ଆଶ୍ରୟ ନେଇଥିବା ରିପୋର୍ଟ ପ୍ରକାଶ ପାଇଛି। ୨୦୨୨ରେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ୧୦ ହଜାର ପ୍ରବାସୀଙ୍କୁ ଦେଶରୁ ବାହାର କରିବା ନେଇ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ। ଚଳିତବର୍ଷ ସୀମା ପାର୍ କରି ୨,୯୫୦ ଜଣ ପ୍ରବାସୀ ବ୍ରିଟେନରେ ଆଶ୍ରୟ ନେଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ବିମାନରେ ସହଯାତ୍ରୀଙ୍କ ଉପରେ ପରିସ୍ରା

ଭାରତୀୟ ଛାତ୍ରଙ୍କୁ ବ୍ୟାନ୍ କଲା ଆମେରିକା ଏୟାରଲାଇନ୍ସ

ନୂଆଦିଲ୍ଲୀ, ୫।୩

ନ୍ୟୁୟର୍କରୁ ନୂଆଦିଲ୍ଲୀ ଆସୁଥିବା ଆମେରିକାନ୍ ଏୟାରଲାଇନ୍ସର ଏକ ବିମାନରେ ଜଣେ ଭାରତୀୟ ଛାତ୍ର ନିଶାଗ୍ରସ୍ତ ଅବସ୍ଥାରେ ସହଯାତ୍ରୀଙ୍କ ଉପରେ ପରିସ୍ରା କରିଛନ୍ତି। ଘଟଣା ଜଣାପଡ଼ିବା ପରେ ଉକ୍ତ ଏୟାରଲାଇନ୍ସ ଆମେରିକା ବିଶ୍ୱବିଦ୍ୟାଳୟରେ ପଢୁଥିବା ଆର୍ଯ୍ୟ ବୋହ୍‌ରା(୨୧)ଙ୍କୁ ବ୍ୟାନ୍ କରିଛି। ସେ ଭବିଷ୍ୟତରେ ଆଉ ଆମେରିକା ବିମାନରେ ଯାତ୍ରା କରିପାରିବେ ନାହିଁ। ଆମେରିକାନ୍ ଏୟାରଲାଇନ୍ସର ସୂଚନା ଅନୁଯାୟୀ ଏଏ୨୯୨ ବିମାନଟି ନ୍ୟୁୟର୍କର କେନେଡି ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ପରିସ୍ରା କରିଥିବା ଛାତ୍ରଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା। ଛାତ୍ର ଜଣକ ପ୍ରବଳ ମାତ୍ରାରେ ନିଶାଗ୍ରସ୍ତ ଥିବାରୁ କ୍ରିଉ ସଦସ୍ୟମାନଙ୍କ ପରାମର୍ଶ ନ ଶୁଣି ସେମାନଙ୍କ ସହ ବାରମ୍ବାର ଯୁକ୍ତି କରିଥିଲେ ଓ ବିମାନରେ ବସିବାକୁ ଚାହିଁ ନ ଥିଲେ। ସେ ବିମାନ ଓ କ୍ରିଉମାନଙ୍କ ସୁରକ୍ଷା ପ୍ରତି ବିପଦ ଆଣିଥିଲେ ବୋଲି ଅଭିଯୋଗ ହୋଇଛି। ଶେଷରେ ସେ ପାଖ ସିଟ୍‌ରେ ବସିଥିବା ଜଣେ ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୬ରେ ନ୍ୟୁୟର୍କରୁ ନୂଆଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଶଙ୍କର ମିଶ୍ରା ନାମକ ବ୍ୟକ୍ତି ଜଣେ ୭୦ ବର୍ଷୀୟା ସହଯାତ୍ରୀଙ୍କ ଉପରେ ପରିସ୍ରା କରି ଏୟାରଲାଇନ୍ସ ଦ୍ୱାରା ବ୍ୟାନ୍ ହୋଇଥିଲେ। ଏହାର ୧୦ ଦିନ ପରେ ଡିସେମ୍ବର ୬ରେ ପ୍ୟାରିସ୍‌ରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଜଣେ ଯାତ୍ରୀ ପାଖ ସିଟ୍‌ରେ ଥିବା ମହିଳା ସହଯାତ୍ରୀଙ୍କ ବ୍ଲାଙ୍କେଟ୍‌ରେ ପରିସ୍ରା କରିଥିଲେ।

ମା' ହେଲେ ଜେନିଫର୍ ଗେଟ୍ସ

ୱାଶିଂଟନ୍, ୫।୩

ମାଇକ୍ରୋସଫ୍ଟ କମ୍ପାନୀର ସହ-ସଂସ୍ଥାପକ ବିଲ୍ ଗେଟ୍ସଙ୍କ ଝିଅ ଜେନିଫର ଗେଟ୍ସ ମା' ହୋଇଛନ୍ତି। ଜେନିଫର ସ୍ୱାମୀ ନୟେଲ ନାସରଙ୍କ ସହ ନବଜାତକର ଫଟୋ ସୋସିଆଲ ମିଡିଆରେ ଶେୟାର କରି ଏହି ସୂଚନା ଦେଇଛନ୍ତି। ଦମ୍ପତି ନବଜାତକକୁ ଧରିଥିବାର ଫଟୋରେ ଦେଖିବାକୁ ମିଳିଛି। ବିଲ୍ ଗେଟ୍ସ ଏହି ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମ୍ ଷ୍ଟୋରିରେ ଶେୟାର କରିଥିବାବେଳେ ମିଲିଣ୍ଡା ଫ୍ରେଞ୍ଚ ଗେଟ୍ସ କମେଣ୍ଟ ଜରିଆରେ ଜେନିଫରଙ୍କୁ ଶୁଭକାମନା ଜଣାଇଛନ୍ତି। ୨୦୨୧ ଅକ୍ଟୋବରରେ ଜେନିଫର ନୟେଲଙ୍କୁ ବିବାହ କରିଥିଲେ।

ଆତ୍ମହତ୍ୟା ଅନୁମତି ମାଗିଲେ ୩ ପୁଲ୍‌ୱାମା ଶହୀଦଙ୍କ ସ୍ତ୍ରୀ

ଜୟପୁର, ୫।୩

ପ୍ରତିଶ୍ରୁତି ରଖିଲେନି ରାଜସ୍ଥାନ ସରକାର

୨୦୧୯ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନମାନଙ୍କ ପରିବାରକୁ ସେହି ସମୟରେ ବିଭିନ୍ନ ସହାୟତାର ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ରାଜସ୍ଥାନ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରି ନ ଥିବା ୩ ଶହୀଦଙ୍କ ବିଧବା ସ୍ତ୍ରୀମାନେ ଅଭିଯୋଗ କରିଛନ୍ତି। ସେଥିପାଇଁ ସେମାନଙ୍କୁ ଆତ୍ମହତ୍ୟା ପାଇଁ ଅନୁମତି ଦେବାକୁ ରାଜ୍ୟପାଳ କଲରାଜ ମିଶ୍ରଙ୍କ ଅନୁମତି ଲୋଡ଼ିଛନ୍ତି। ଉକ୍ତ ମହିଳାମାନଙ୍କ ସହ ଭାଜପା ରାଜ୍ୟ ସଭା ସଦସ୍ୟ କିରୋଡିଲାଲ୍ ମୀନା କିଛିଦିନ ହେଲା ଧାରଣାରେ ବସିଥିଲେ। ସେ ମହିଳାମାନଙ୍କ ସହ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଆବେଦନପତ୍ର ଦେଇଛନ୍ତି। ସେଠାରୁ ଫେରି ସେମାନେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଉଥିବାବେଳେ ପୋଲିସ ଅଟକାଇବା ସହ ସେମାନଙ୍କୁ ଠେଲିଦେଇଥିଲା। ଫଳରେ ରୋହିତାଶଭ ଲାମ୍ବାଙ୍କ ବିଧବା ସ୍ତ୍ରୀ ମଞ୍ଜୁ ଜାଟ୍ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସରକାର ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ଏକଚ୍ଛତ୍ରବାଦ ନୀତି ଗ୍ରହଣ କରୁଥିବା ଭାଜପା ନେତା ଅଭିଯୋଗ କରିଛନ୍ତି।

ବ୍ରେକ୍‌ଅପ୍‌କୁ ନେଇ ମୁହଁ ଖୋଲିଲେ ସାରା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଏବି ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ସମ୍ପର୍କକୁ ନେଇ ବି-ଟାଉନରେ ସର୍ବଦା ଚର୍ଚ୍ଚା ଲାଗିରହୁଥିଲା। ସେମାନଙ୍କ ବ୍ରେକ୍‌ଅପ୍‌କୁ ନେ

'ବିଜୁ ଏକ୍ସପ୍ରେସ ୱେ' ଜୀବନରେଖା

ବରଗଡ଼ ଅଫିସ୍/ନୂଆପଡ଼ା ଅଫିସ/ ଭବାନୀପାଟଣା (ସ୍ୱ.ପ୍ର.),୫।୩

ବିଜୁ ଏକ୍ସପ୍ରେସ ୱେ କେବଳ ଏକ ରାସ୍ତା ନୁହେଁ, ଅଞ୍ଚଳବାସୀଙ୍କ ପାଇଁ ଏହା ଏକ ଜୀବନରେଖା। ଏହି ରାସ୍ତା ବିକାଶର ନୂଆ ଇତିହାସ ଲେଖିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପଶ୍ଚିମ ଓଡ଼ିଶାର ବରଗଡ଼, ନୂଆପଡ଼ା ଓ କଳାହାଣ୍ଡି ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବିଜୁ ଏକ୍ସପ୍ରେସ ୱେ ସମେତ ଅନ୍ୟ ପ୍ରକଳ୍ପର ଲୋକାର୍ପଣ କରି ଏହା କହିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଥିଲେ ଓଡ଼ିଶାବାସୀଙ୍କ ସବୁଠାରୁ ବଡ଼ ଭରସା। ଏହି ମାଟି ଏବଂ ଏହି ମାଟିର ମଣିଷର ସ୍ୱପ୍ନ ସହିତ ସେ ସବୁବେଳେ ଯୋଡ଼ି ହୋଇଥିଲେ। ଓଡ଼ିଆ ଭାବେ ବିଜୁବାବୁ ଗର୍ବ କରୁଥିଲେ ଏବଂ ତାଙ୍କ ପାଇଁ ଆଜି ଓଡ଼ିଆ ଜାତି ଗର୍ବିତ। ୧୯୯୩ରେ ବିଜୁବାବୁ ସମ୍ବଲପୁର-ରାଉରକେଲା ଏଲ୍‌ଆଣ୍ଟିଟି ରୋଡ୍‌ର ଶୁଭାରମ୍ଭ କରିଥିଲେ। ଆଜି ତାଙ୍କ ଜନ୍ମଦିନରେ ଓଡ଼ିଶାବାସୀଙ୍କ ସେବାରେ ବିଜୁ ଏକ୍ସପ୍ରେସ ୱେକୁ ଉତ୍ସର୍ଗ କରି ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଜୁ ଏକ୍ସପ୍ରେସ ୱେ ଯୋଗୁ ଚାଷୀ, ସାଧାରଣ ଲୋକ, ଛାତ୍ରୀଛାତ୍ର ସୁବିଧା ପାଇପାରିବେ। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିବ। ନୂଆ ଶିଳ୍ପ ହୋଇ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଗଢ଼ିଉଠିବ। ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ୧୦ ଜିଲା ଏଭଳି ସୁବିଧା ପାଇପାରିବେ। ବିଜୁ ଏକ୍ସପ୍ରେସ ୱେର ଉଭୟ ପାର୍ଶ୍ୱକୁ ବିଜୁ ଇକୋନୋମିକ କରିଡ଼ର ଭାବେ ନିଆଯାଇଛି ଏବଂ ଏଠାରେ ପୁଞ୍ଜି ବିନିଯୋଗ ପାଇଁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହାଦ୍ୱାରା ବିଜୁ ଏକ୍ସପ୍ରେସ ୱେ ବିକାଶର ଆଉ ଏକ ମାଇଲ ଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରବିବାର ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲା ସତୀଭଟା ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ସେଠାରୁ ହେଲିକପ୍ଟର ଯୋଗେ ଯାଇ ୧୧ଟା ୧୫ମିନିଟ୍‌ରେ ସୋହେଲା ବ୍ଲକ ହଳଦୀପାଲି ପଡ଼ିଆ ସଭାମଞ୍ଚରେ ପହଞ୍ଚିଥିଲେ। ସେଠାରେ ସେ ୨୧୭କୋଟି ୩ଲକ୍ଷ ୬୪ହଜାର ଟଙ୍କାର ୨୩୫ଟି ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଏକ ରୋଡ୍ ଶୋରେ ସଂଗ୍ରାମୀ ପୀଠ ଘେଁସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ସେ ହେଲିକପ୍ଟର ଯୋଗେ ନୂଆପଡ଼ା ଜିଲା କୋମନା ବ୍ଲକ ସିଲେଟପାଣି ଯାଇଥିଲେ। ସେଠାରେ ଆୟୋଜିତ ଜନସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେବା ସହ ୭୬୬ କୋଟି ଟଙ୍କା ବ୍ୟୟରେ ୧୮୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ନୂଆପଡ଼ା ଗସ୍ତ ସାରି ଅପରାହ୍ନ ୩ଟା ୨୫ରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ହାଇସ୍କୁଲ ଖେଳପଡ଼ିଆ ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ସେ ଯୋଗଦେଇ ୫୨୭.୪ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଜିଲାର ୯୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୧୫୭୩.୪୨ କୋଟି ଟଙ୍କାର ୧୧୩ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟା ୧୦ମିନିଟ୍‌ରେ ବସ୍ ଯୋଗେ ବିଜୁ ଏକ୍ସପ୍ରେସ ୱେ ରାସ୍ତାରେ ୧୫ କିମି ଦୂର ଗୋଡ଼ଭଞ୍ଜା ଗୋଲେଇ ଛକ ପର୍ଯ୍ୟନ୍ତ ରୋଡ୍ ଶୋ କରିଥିଲେ। ପରେ ସେଠାରୁ ଧର୍ମଗଡ଼ ସ୍ମାର୍ଟପାର୍କ ନିକଟ ଅସ୍ଥାୟୀ ହେଲିପ୍ୟାଡ୍‌ରୁ ହେଲିକପ୍ଟରରେ ଆମପାଣି ଯାଇଥିଲେ। ସେଠାରୁ ସେ ଉଚ୍ଛେଲା ଉଡ଼ାଜାହାଜ ପଡ଼ିଆକୁ ଯାଇ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଫେରିଯାଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ସଭାରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଭଟଲି ବିଧାୟକ ସୁଶାନ୍ତ ସିଂ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ୫-ଟି ସଚିବ ଭି. କେ. ପାଣ୍ଡିଆନ ଉପସ୍ଥିତ ରହିଥିଲେ। ସେହିପରି ନୂଆପଡ଼ା ସଭାରେ ଅର୍ଥ ଓ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ କଳାହାଣ୍ଡି ସଭାରେ ଶକ୍ତି ମନ୍ତ୍ରୀ ପ୍ରତାପ ଦେବଙ୍କ ସମେତ ବହୁ ଏମ୍‌ପି ଓ ବିଧାୟକ ଯୋଗ ଦେଇଥିଲେ।

ବରଗଡ଼ ଜିଲା ସୋହେଲା ବ୍ଲକ ହଳଦୀପାଲି ସଭାମଞ୍ଚରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି । ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀଙ୍କ ପଶ୍ଚିମ ଓଡ଼ିଶା ଗସ୍ତ

ବରଗଡ଼ରେ ୨୧୭, ନୂଆପଡାରେ ୭୬୬ ଓ କଳାହାଣ୍ଡିରେ ୨୧୦୦ କୋଟି ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

ପ୍ରତିଷ୍ଠା ହେବ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ

ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୩(ବ୍ୟୁରୋ)

ରାଜ୍ୟରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ରାଜ୍ୟରେ ମେଡିକାଲ ଶିକ୍ଷାର ମାନ ଓ ଢାଞ୍ଚାକୁ ଆହୁରି ସୁଦୃଢ଼ କରିବା ସହ ଲୋକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବାରେ ସହାୟକ ହେବ। ଏହି ବିଶ୍ୱବିଦ୍ୟାଳୟ ପାଇଁ କ୍ୟାପିଟାଲ ହସ୍ପିଟାଲ ନିକଟରେ କୋଠା ନିର୍ମାଣ ଚାଲିଛି। ପ୍ରଥମ ମହଲା କାର୍ଯ୍ୟ ଶେଷ ହୋଇଥିବାବେଳେ ଆସନ୍ତା ୩ମାସ ମଧ୍ୟରେ ଦ୍ୱିତୀୟ ମହଲା କାମ ସରିବ। ଏହାପରେ ସେଠାରେ ବିଶ୍ୱବିଦ୍ୟାଳୟ ବିଧିବଦ୍ଧ ଭାବେ କାର୍ଯ୍ୟ କରିବ। ୨୦୨୩-୨୪ ଶିକ୍ଷାବର୍ଷଠାରୁ ରାଜ୍ୟର ସମସ୍ତ ଚିକିତ୍ସା ଓ ଆନୁଷଙ୍ଗିକ ବିଜ୍ଞାନ ମହାବିଦ୍ୟାଳୟ/ଅନୁଷ୍ଠାନଗୁଡ଼ିକ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ସହିତ ସହବଦ୍ଧ ହୋଇରହିବେ। ଏଥିସହ ଆଧୁନିକ ଚିକିତ୍ସା, ଦାନ୍ତ ରୋଗ ଚିକିତ୍ସା ବିଜ୍ଞାନ, ଏଲୋପାଥିକ, ଆୟୁର୍ବେଦିକ ଓ ହୋମିଓପାଥିକ ପାଠ୍ୟକ୍ରମର ସ୍ନାତକ ଏବଂ ସ୍ନାତକୋତ୍ତର ଶିକ୍ଷା, ନର୍ସିଂ, ଫାର୍ମାସୀ, ଫିଜିଓଥେରାପି, ଲାବୋରେଟୋରି ବିଜ୍ଞାନ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନ୍ୟାନ୍ୟ ବିଜ୍ଞାନ ପାଠ୍ୟକ୍ରମ ଏହି ବିଶ୍ୱବିଦ୍ୟାଳୟର ବିଷୟ ପରିସରଭୁକ୍ତ ହେବ।

ରାଜ୍ୟରେ ବହୁ ସଂଖ୍ୟକ ଚିକିତ୍ସା ଶିକ୍ଷାନୁଷ୍ଠାନ ଗଢ଼ି ଉଠୁଥିବା ଦୃଷ୍ଟିରୁ ଚିକିତ୍ସା ଶିକ୍ଷା ବିଜ୍ଞାନ ପ୍ରଣାଳୀକୁ ଅଧିକ ସରଳ, ଦକ୍ଷ ଓ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଏକ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଗଠନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୨୧ ଅକ୍ଟୋବରରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଆଇନ ବିଧାନସଭାରେ ପାରିତ ହୋଇଥିଲା। ୨୦୨୨ ଅଗଷ୍ଟ ୧୪ରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଅଧିସୂଚିତ ହୋଇଥିଲା। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଫଳରେ ଓଡ଼ିଶାରେ ଚିକିତ୍ସା ଶିକ୍ଷା, ରୋଗୀଙ୍କ ଯତ୍ନ ଓ ଗବେଷଣା ଅଧିକ ଗୁଣାତ୍ମକ ମୂଲ୍ୟବୋଧଭିତ୍ତିକ ହୋଇପାରିବ ବୋଲି ଆଶା କରାଯାଉଛି।

ବାହା କରାଇ ନ ଦେବାରୁ ମା'ଙ୍କୁ ହତ୍ୟା

ଯାଜପୁର ଅଫିସ/ବିଞ୍ଝାରପୁର/ପ୍ରୀତିପୁର(ଡି.ଏନ.ଏ.),୫।୩

ବାହା କରାଇ ନ ଦେବାରୁ ଗୋପାଳ ଓଝା ନାମକ ଜଣେ ଯୁବକ ତାଙ୍କ ମା' ପ୍ରେମଲତାଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଯାଜପୁର ଜିଲା ବିଞ୍ଝାରପୁର ବିନ୍ଧାଣିସାହିରେ ଶନିବାର ରାତି ପ୍ରାୟ ୧୧ଟାରେ ଘଟିଛି। ଘଟଣା ପରେ ଫେରାର ହୋଇଯାଇଥିବା ଅଭିଯୁକ୍ତ ଗୋପାଳଙ୍କୁ ବିଞ୍ଝାରପୁର ଥାନା ପୋଲିସ ରବିବାର ସକାଳେ ନିକଟସ୍ଥ ବରପଦାଠାରୁ ଗିରଫ କରିଛି। ତାଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ଥାନାଧିକାରୀ ରଞ୍ଜିତ ମହାନ୍ତି ସୂଚନା ଦେଇଛନ୍ତି।

୩୭ ବର୍ଷୀୟ ଗୋପାଳ ତାଙ୍କ ବିବାହ ବୟସ ଗଡ଼ିଯାଉଥିବାରୁ ଚିନ୍ତାରେ ଥିଲେ। ତାଙ୍କୁ ବିବାହ କରାଇ ଦେବା ପାଇଁ ସେ ବାପା ଶୁକଦେବ ଓଝା ଏବଂ ମା' ପ୍ରେମଲତାଙ୍କୁ କହି ଆସୁଥିଲେ। ତେବେ ଗୋପାଳ କୌଣସି ରୋଜଗାର କରୁ ନଥିବାବେଳେ ପ୍ରାୟ ସବୁ ସମୟରେ ନିଶାସେବନ କରି ଗଣ୍ଡଗୋଳ କରୁଥିଲେ। ତେଣୁ ତାଙ୍କୁ ଝିଅ ଦେବାକୁ କେହି ରାଜି ହେଉ ନ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଘଟଣାଦିନ ବିବାହ ପ୍ରସଙ୍ଗକୁ ନେଇ ଗୋପାଳ ଘରେ ଗଣ୍ଡଗୋଳ କରିଥିଲେ ଏବଂ ନ ଖାଇ ଶୋଇ ପଡ଼ିଥିଲେ। ପ୍ରଥମେ ତାଙ୍କ ବାପା ଓ ପରେ ମା' ତାଙ୍କୁ ଖାଇବା ପାଇଁ ଡାକିବାକୁ ଯାଇଥିଲେ। ତେବେ ମା' ଡାକିବାକୁ ଯିବାରୁ ସେ ହଠାତ୍ କବାଟ ଖୋଲି କଟୁରିରେ ଆକ୍ରମଣ କରି ତାଙ୍କ ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲେ ବୋଲି ଜଣାପଡ଼ିଛି। ବିଞ୍ଝାରପୁର ପୋଲିସ ମୃତଦେହକୁ ଜବତ କରିବା ସହିତ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ମାମଲା (୭୬/୨୩) ରୁଜୁ କରିଛି।

ପ୍ଲାଷ୍ଟିକ ବିପଦରୁ ରକ୍ଷା କରିବ ଜୈବପ୍ଲାଷ୍ଟିକ

ଭୁବନେଶ୍ୱର, ୫।୩ (ବ୍ୟୁରୋ)

ଆଧୁନିକ ଜୀବନଶୈଳୀର ଦୈନନ୍ଦିନ କାର୍ଯ୍ୟରେ ପ୍ଲାଷ୍ଟିକ ପଦାର୍ଥର ବହୁଳ ବ୍ୟବହାର ହେଉଛି। ମାତ୍ର ଏସବୁ ପଦାର୍ଥର ନକାରାତ୍ମକ ଦିଗ ପ୍ରତି ସାଧାରଣ ଲୋକେ ବିଶେଷ ଅବଗତ ନ ଥିବାରୁ ସଚେତନତା ବୃଦ୍ଧିର ଯଥେଷ୍ଟ ଆବଶ୍ୟକତା ରହିଛି। ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ କିମ୍ବା କୋଇଲା ପରି ଜୀବାଶ୍ମ ଇନ୍ଧନରୁ ସଂଶ୍ଳେଷିତ ପ୍ଲାଷ୍ଟିକ ଉତ୍ପାଦିତ ହେଉଥିବାରୁ ଏହାର ପ୍ରସ୍ତୁତି ଓ ବିଘଟନରେ ଅଙ୍ଗାରକାମ୍ଳ ଏବଂ ମିଥେନ ପରି ସବୁଜଗୃହ ବାଷ୍ପ ନିର୍ଗମନ ହୋଇ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ହେଉଛି। ସେହିପରି ବ୍ୟବହାର ପରେ ପରିବେଶକୁ ବର୍ଜ୍ୟ ରୂପେ ନିଷ୍କାସିତ ହେଉଥିବାରୁ ଏହା ପ୍ରଦୂଷଣ ଘଟାଇ ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏଥିରୁ ଦୂରେଇ ରହିବା ଆବଶ୍ୟକ। ତେଣୁ ଏହି ପ୍ଲାଷ୍ଟିକ ବିପଦରୁ ରକ୍ଷା କରିବା ଜୈବ ପ୍ଲାଷ୍ଟିକର ଗୁରୁତ୍ୱ ବଢ଼ିଛି। ଜୈବିକ ଉତ୍ସରୁ ସୃଷ୍ଟ ପ୍ଲାଷ୍ଟିକ ନବୀକରଣ ଯୋଗ୍ୟ ପଦାର୍ଥରୁ ଆସିଥାଏ, ଯାହା ମୁଖ୍ୟତଃ ଉଦ୍ଭିଦଜାତ। ଏସବୁ ଅବକ୍ଷୟଯୋଗ୍ୟ ହୋଇଥିବାରୁ ବୀଜାଣୁଙ୍କ ଦ୍ୱାରା ବିଘଟନରେ ମାଟିରେ ମିଶିଯିବ ଓ ଏଥିରୁ ପ୍ରଦୂଷଣ ସୃଷ୍ଟି ହେବ ନାହିଁ। ତେଣୁ ସଂଶ୍ଳେଷିତ ପ୍ଲାଷ୍ଟିକର ବିକଳ୍ପ ଭାବେ ଜୈବପ୍ଲାଷ୍ଟିକ ନୂତନ ସମ୍ଭାବନା ସୃଷ୍ଟି କରିଛି ବୋଲି ପରିବେଶ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ରବିବାର ଓଡ଼ିଶା ପରିବେଶ ସମିତି (ଓଇଏସ) ପକ୍ଷରୁ 'ସବୁଜ କମ୍ପୋଜିଟ-ପ୍ଲାଷ୍ଟିକ ବିପଦର ସମାଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଚିନ୍ମୟ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ, ଉଦ୍ଭିଦରୁ ଉପଲବ୍ଧ ସବୁଜ କମ୍ପୋଜିଟ୍‌ଗୁଡ଼ିକ ଜୈବପ୍ଲାଷ୍ଟିକ ପ୍ରସ୍ତୁତିରେ କିପରି ବ୍ୟବହାର କରାଯାଉଛି ତାହା ବର୍ଣ୍ଣନା କରିଥିଲେ। ଏଥିସହ ସେ ପିତା ତରଡ଼ା ଫଳରୁ ପ୍ରସ୍ତୁତ ସେଲୁଲୋଜ୍ ତନ୍ତୁ ଉପରେ କରୁଥିବା ଗବେଷଣାରେ ଜୈବପ୍ଲାଷ୍ଟିକ ତିଆରି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଶିଳ୍ପ ପଦାର୍ଥ, କୃଷି ଓ ଖାଦ୍ୟ ପଦାର୍ଥ, କ୍ୟାଟରିଂ, ଔଷଧ ଓ ଚିକିତ୍ସା ଉପକରଣ ଏବଂ ମନୋରଞ୍ଜନ ପଦାର୍ଥ ସବୁର ବାହ୍ୟ ଆବରଣ ବା ପ୍ୟାକେଜିଂ ଏବେ ଜୈବପ୍ଲାଷ୍ଟିକରୁ ପ୍ରସ୍ତୁତ ହେବା ସମ୍ଭବ ହେଲାଣି। ତେଣୁ ସଂଶ୍ଳେଷିତ ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା ଆବଶ୍ୟକ ବୋଲି ଡ. ପ୍ରଧାନ ପରାମର୍ଶ ଦେଇଥିଲେ। ପୂର୍ବତନ ପିସିସିଏଫ ଡ. ବିଜୟ କେତନ ପଟ୍ଟନାୟକ ପୌରୋହିତ୍ୟ କରି କହିଲେ, ପ୍ରାକୃତିକ ଉତ୍ସରୁ ଜୈବପ୍ଲାଷ୍ଟିକ ପ୍ରସ୍ତୁତି ନିମନ୍ତେ ଅନୁସନ୍ଧାନ କରାଯିବା ସହ ପ୍ଲାଷ୍ଟିକର ଅପବ୍ୟବହାରକୁ ରୋକିବା ପାଇଁ ଅଧିକ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ। ସମିତି ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ, ପ୍ଲାଷ୍ଟିକ୍‌ର ବିନାଶକାରୀ ପ୍ରଭାବରୁ ବର୍ତ୍ତିବା ପାଇଁ ଆମ ମାନସିକତାରେ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି କହିଥିଲେ। ଉପସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଦସ୍ୟ ଇଂ. ବିମଳ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ଗ୍ୟାସ୍ ସିଲିଣ୍ଡର ଫାଟି ୪ ଗୁରୁତର

ରାଉରକେଲା ଅଫିସ,୫।୩

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଲୱେ କଲୋନୀ ଅଞ୍ଚଳରେ ରବିବାର ପୂର୍ବାହ୍ନ ସାଢେ ୧୧ଟାରେ ଗ୍ୟାସ ସିଲିଣ୍ଡର ଫାଟିଯିବାରୁ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶଙ୍କର ମିସ୍ତ୍ରୀ, ଶ୍ୟାମ ଶର୍ମା, ଆନନ୍ଦ ମୁସିଦ ଏବଂ ଶଙ୍କର ଅଲି। ଗୁରୁତରଙ୍କୁ ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ରେଲୱେ କଲୋନୀ ଛୋଟ ପାର୍କ ନିକଟରେ ଶଙ୍କର ମିସ୍ତ୍ରୀ ସପରିବାର ରୁହନ୍ତି। ରବିବାର ସେ ତାଙ୍କ ଘରେ ଗ୍ୟାସ୍ ରିଫିଲିଂ କରୁଥିଲେ। ଏହି ସମୟରେ କୌଣସି କାରଣରୁ ଟାଙ୍କିଟି ହଠାତ୍ ଫାଟିଯାଇଥିଲା। ଫଳରେ ଗ୍ୟାସ୍ ନିଆଁ ଖେଳାଇ ଯିବାରୁ ଶଙ୍କରଙ୍କ ପଡୋଶୀ ଘରକୁ ବ୍ୟାପିଯାଇଥିଲା। ଫଳରେ ଶଙ୍କରଙ୍କ ସମେତ ଅନ୍ୟ ୩ଜଣଙ୍କ ଶରୀର ପୋଡି ଯାଇଥିଲା। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଆର୍‌ଜିଏର୍‌ରେ ଭର୍ତ୍ତି କରିଥିଲେ।

SMILE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder
• Castic Soda
• HCL Acid
• Sulphuric Acid
• Alum
• Acetic Acid
• Dolomite Powder
• French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ରେବତୀ ମହାନ୍ତି 'ମିସ୍ ଗ୍ଲୋବାଲ ଏସିଆ ପାସିଫିକ୍'

ଭୁବନେଶ୍ୱର,୫।୩ (ବ୍ୟୁରୋ)

'ମିସ୍ ଗ୍ଲୋବାଲ ଏସିଆ ପାସିଫିକ୍ ୨୦୨୩' ମୁକୁଟ ପିନ୍ଧିଲେ ରେବତୀ ମହାନ୍ତି। ସେ ହେଉଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ଫ୍ୟାଶନ ଡିଜାଇନିଂ ବିଭାଗର ଛାତ୍ରୀ। ମାଲେସିଆର ମେଲ୍‌କାଠାରେ ଫେବୃୟାରୀ ୨୧ରୁ ୨୫ପର୍ଯ୍ୟନ୍ତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ଚାଲିଥିଲା। ଏଥିରେ ୮ଟି ଦେଶରୁ ୧୮ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ଏହି ଇଭେଣ୍ଟ ମିସ୍ ଗ୍ଲୋବାଲ ଏସିଆନ୍, ମିଷ୍ଟ୍ରେସ୍ ଗ୍ଲୋବାଲ ଏସିଆନ୍ ଏବଂ ମିସେସ୍ ପିଟି ଗ୍ଲୋବାଲ ଏସିଆନ୍ ଭଳି ୩ଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। ତେବେ ଏହି ସଫଳତା ପାଇଁ ରେବତୀ ତାଙ୍କ ପରିବାର, ସାଙ୍ଗସାଥୀ ଓ ଶିକ୍ଷକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

୩୮.୮ ଡିଗ୍ରୀରେ ତାଳଚେର

ଭୁବନେଶ୍ୱର, ୫।୩(ବ୍ୟୁରୋ)

ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଛି। ରବିବାର ମଧ୍ୟ ରାଜ୍ୟର ବିଭିନ୍ନ ସହରରେ ପାରଦ ୩୮ ଡିଗ୍ରୀ ଟପିଥିଲା। ତାଳଚେରରେ ସର୍ବାଧିକ ୩୮.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୩୮.୪, ଅନୁଗୋଳ ୩୮.୧, ଝାରସୁଗୁଡ଼ା ୩୮ ଓ ଭଦ୍ରକ ୩୮ ଡିଗ୍ରୀ ରହିଥିଲା। ସେହିଭଳି ବାଲେଶ୍ୱରରେ ୩୭.୪, କଟକ ୩୭, ବାରିପଦା ୩୭.୮, ସମ୍ବଲପୁର ୩୭.୯, ସୁନ୍ଦରଗଡ଼ ୩୭, ବଲାଙ୍ଗୀର ୩୭.୫, ଟିଟିଲାଗଡ଼ ୩୭.୫, ମାଲକାନଗି

ଆଜିର ମନ୍ତବ୍ୟ

ଭାଜପା ସରକାର ଅମଳରେ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଟାର୍ଗେଟ୍ କରାଯାଉଛି। ଏଥିଯୋଗୁ ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଅଇଲେ ନାରଦ ଋଷି
କଳି ଧୋକଡ଼ିକି କାଖରେ ଖୋଷି ।

ଦେବର୍ଷି ନାରଦ କଳହ ଲଗାଇବାରେ ସିଦ୍ଧହସ୍ତ ବୋଲି ଆମେ ପୁରାଣରୁ ଜାଣିବାକୁ ପାଇଥାଉ। ଅଭ୍ୟାସଗତ କଳହପ୍ରିୟ ଲୋକଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଅକାଳେ ଗୋଦରୀ କଲା ବେଉସା
ଲାଭ ଖାଇଗଲେ ଚୁଟିଆ ମୂଷା ।

ଗୋଦର ବାତ ରୋଗର ଗୋଟିଏ ଅବସ୍ଥା। ଏହି ରୋଗରେ ଗୋଡ଼ ପାଦ ପେଣ୍ଡା ଫୁଲିଯାଏ। ଗୋଦରା ବା ଗୋଦରୀ ବେଶି ଦୂରକୁ ଯାଇପାରେ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବା ଆସିବା କରିବା ଦରକାର ପଡୁଥିବା ବେଳେ ଏପରି ଅବସ୍ଥା ସେଥିରେ ପ୍ରତିବନ୍ଧକ ସାଜିଥାଏ। ଅନ୍ୟ ଅର୍ଥରେ ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ସହଜେ ଗୋଦରୀ ପୁଣି ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ। ଏପରିସ୍ଥଳେ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

ବିଜୁ ଜୟନ୍ତୀ ଅବସରରେ ରବିବାର ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାସୁମନ ଜ୍ଞାପନ କରୁଛନ୍ତି।

'ସରକାର ବିଜୁ ବାବୁଙ୍କ ଅସ୍ଥିକଳସ ନେଇ ସ୍ମୃତିପୀଠ କରନ୍ତୁ'

ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀ ଅର୍ବାନ ହାଟରେ ବିଜୁ ବାବୁଙ୍କ ଅସ୍ଥିକଳସ ପୂଜା କରାଯାଉଛି।

ପୁରୀ ଅଫିସ, ୫।୩

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରବିବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ପୁରୀ ଅର୍ବାନ ହାଟରେ ବିଜୁ ବାବୁଙ୍କ ଅସ୍ଥିକଳସ ପୂଜା କରାଯାଇଛି। ଅସ୍ଥି କଳସକୁ ରାଜ୍ୟ ସରକାର ନେଇ ବିଜୁ ବାବୁଙ୍କ ନାମରେ ସ୍ମୃତିପୀଠ ପ୍ରତିଷ୍ଠା କରିବାକୁ ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ସେ କହିଛନ୍ତି, ସ୍ୱର୍ଗଦ୍ୱାରସ୍ଥିତ ବିଜୁ ବାବୁଙ୍କ ସ୍ମୃତିସ୍ତମ୍ଭ ଭଙ୍ଗାଯିବା ପରେ ସେଠାରୁ ତାଙ୍କ ଶେଷ ସନ୍ତକକୁ ଉଦ୍ଧାର କରି ଶ୍ରୀଜଗନ୍ନାଥ ସେନା ଅର୍ବାନ ହାଟ ପରିସରରେ ଦୀର୍ଘବର୍ଷ ଧରି ସାଇତି ରଖିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବାପାଙ୍କ ଶେଷସନ୍ତକକୁ ନେଇ ସ୍ମୃତିପୀଠ ପ୍ରତିଷ୍ଠା କରନ୍ତୁ। ନଚେତ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ନବୀନ ନିବାସ ପର୍ଯ୍ୟନ୍ତ ଶୋଭାଯାତ୍ରା ଆୟୋଜନ କରାଯିବା ସହ ଅସ୍ଥି କଳସକୁ ଇଣ୍ଡୋନେସିଆକୁ ଦାନ କରି ଦିଆଯିବ। ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ ଚାଲିଛି। ଏଥିରେ ବିଜୁବାବୁଙ୍କ ସ୍ମୃତିକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଉ। ସେହିପରି ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରନ୍ତୁ ବୋଲି ପଟ୍ଟନାୟକ କହିଛନ୍ତି।

ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଚଣ୍ଡିଖୋଲ,୫।୩(ଡି.ଏନ୍.ଏ.)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥରେ ରବିବାର ସକାଳେ ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ ହାଜିପୁର ଗାଁର ସେକ୍ ଅବ୍ରଉଲ ଅମିନ(୩୫)। ସେ ବାଇକ୍ ଯୋଗେ ଚଣ୍ଡିଖୋଲ ଆଡୁ କେନ୍ଦ୍ରାପଡ଼ା ଯାଉଥିବାବେଳେ ପଛପଟୁ ଆସୁଥିବା ଲୁହା ପଥର ବୋଝେଇ ଟ୍ରକ୍ ନଂ.ଓଆର୍-୨୧-ବି-୩୧୭୯ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଛି।

'ମାଟିର ମଣିଷଙ୍କ ସ୍ୱପ୍ନ ସହ ନିଜକୁ ଯୋଡୁଥିଲେ ବିଜୁ ବାବୁ'

ଭୁବନେଶ୍ୱର,୫।୩ (ବ୍ୟୁରୋ)

ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଲୋକସେବା ଦିବସ

ବିଜୁ ବାବୁ ସମୟଠାରୁ ବହୁ ଆଗରେ ଥିଲେ। ତାଙ୍କ ଦୂରଦୃଷ୍ଟିର ସୁଫଳ ଆଜି ଆମେ ଅନୁଭବ କରୁଛୁ। କଳିଙ୍ଗନଗର ହେଉ ବା ୩୦ ଜିଲା ଗଠନ, ମହିଳା ସଶକ୍ତୀକରଣଠାରୁ ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା, ସବୁ କ୍ଷେତ୍ରରେ ସେ ଇତିହାସ ସୃଷ୍ଟି କରିଯାଇଛନ୍ତି। ତାଙ୍କର ବ୍ୟକ୍ତିତ୍ୱ ଥିଲା ସାହସ ଓ ମାନବିକତାର ସୁନ୍ଦର ସୁଯୋଗ। ସେ ଆକାଶରେ ଉଡୁଥିଲେ। କିନ୍ତୁ ମାଟିର ମଣିଷର ସ୍ୱପ୍ନ ସହ ନିଜକୁ ଯୋଡି ପାରିଥିଲେ। ସେ ଥିଲେ ଗରିବ ଲୋକର ସବୁଠାରୁ ବଡ ଭରସା। ସେଥିପାଇଁ ମୃତ୍ୟୁର ୨୫ ବର୍ଷ ପରେ ମଧ୍ୟ ସେ ପ୍ରଭାବଶାଳୀ ରହିଛନ୍ତି ଓ ରହିବେ। ପ୍ରତି ଓଡିଆଙ୍କ ହୃଦୟରେ ସେ ବଞ୍ଚି ରହିଛନ୍ତି ଓ ଆମକୁ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଚାଲିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ରବିବାର ସୂଚନା ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ଲୋକସେବା ଦିବସ ଉତ୍ସବରେ ଭର୍ଚୁଆଲରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସଭାପତିତ୍ୱ କରି କହିଲେ, ଦେଶ ବିଦେଶରେ ଓଡ଼ିଶାର ମାନବୃଦ୍ଧି ପାଇଁ ବିଜୁବାବୁଙ୍କ ଭୂମିକା ବର୍ଣ୍ଣନା କଲେ ଦୀର୍ଘ ଇତିହାସ ହେବ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ବିଜୁବାବୁ ଜାତି, ବର୍ଣ୍ଣ ଭେଦଭାବଠାରୁ ବହୁ ଊର୍ଦ୍ଧ୍ୱରେ ଥିଲେ। କଳିଙ୍ଗକୁ ସେ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ। ତେଣୁ ଯେତେ ସବୁ ସଂସ୍ଥା ଗଢ଼ିଥିଲେ ସବୁଥିରେ କଳିଙ୍ଗ ନାମ ସଂଯୋଗ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ କହିଲେ, ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ କିପରି ସ୍ୱୟଂ ଶାସିତ ଅନୁଷ୍ଠାନ ଭାବେ କାର୍ଯ୍ୟକ୍ଷମ ହେବେ ସେଦିଗରେ ବିଜୁବାବୁଙ୍କ ଅବଦାନ ଅବିସ୍ମରଣୀୟ । ଏହି ଅବସରରେ ଅତିଥିମାନେ 'ଇ-ପଞ୍ଚାୟତ ସଭା' ଅନ୍‌ଲାଇନ୍ ଆପ୍‌ର ଶୁଭାରମ୍ଭ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦକୁ 'ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର' ପ୍ରଦାନ କରାଯାଇଥିଲା । ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ବିଜୁବାବୁଙ୍କ ଜୀବନୀ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ ଅମାତ ଉଦ୍‌ଘାଟନ କରିଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶନୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

ମାଲବାହୀ ଟ୍ରେନ ଲାଇନଚ୍ୟୁତ

ରାୟଗଡ଼ା,୫।୩ (ସ୍ୱ.ପ୍ର.) – ରାୟଗଡ଼ା ଜିଲା କେଉଟଗୁଡା ରେଲୱେ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ଏହି ଟ୍ରେନଟି ରାୟଗଡ଼ାଠାରୁ ଦାମନଯୋଡି ନାଲକୋ କାରଖାନାକୁ ଯାଉଥିବା ବେଳେ ଦୁଇଟି ବଗି ଲାଇନଚ୍ୟୁତ ହୋଇଥିଲା। ୨ଟି ବଗିର ୮ ଚକ ରେଲ ଧାରଣାରୁ ତଳକୁ ଖସି ପଡ଼ିଛି। ଏହା ସିଙ୍ଗଲ ଲାଇନ ହୋଇଥିବା କାରଣରୁ କୋରାପୁଟ -ରାୟଗଡ଼ା ରେଳପଥରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। ବିଭିନ୍ନ ଷ୍ଟେଶନରେ ଟ୍ରେନ ଗୁଡ଼ିକ ଅଟକି ରହିଛି। ମୁଖ୍ୟତଃ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକ ଅଟକି ରହିବାରୁ ଯାତ୍ରୀମାନେ ଅସୁବିଧାର ଭୋଗୁଛନ୍ତି। ରାୟଗଡ଼ାଠାରୁ ବୈଷୟିକ ଟିମ ଘଟଣାସ୍ଥଳକୁ ଯାଇଛନ୍ତି।

ବିଜୁ ସ୍ମୃତି ...

ଉଦ୍ଦେଶ୍ୟରେ ଏହାର ପ୍ରଦର୍ଶନ ଶୁଭାରମ୍ଭ ହୋଇଛି। ଏହି ବିମାନରେ ବିଜୁ ବାବୁଙ୍କ ଭଳି ଜଣେ ଅଦମ୍ୟ ସାହସୀ ଓଡ଼ିଆ ଯୁବକଙ୍କ ବୀରତ୍ୱ ଓ ପରାକାଷ୍ଠାର କାହାଣୀ ରହିଛି। ବିଜୁ ବାବୁ ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ସହିତ ଇଣ୍ଡୋନେସିଆ ଯାଇ ସେଠାକାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଡଚ୍‌ମାନଙ୍କ କବଳରୁ ମୁକ୍ତ କରି ଭାରତ ଆଣିଥିଲେ। ସେହି କାହାଣୀ ସମସ୍ତେ ଜାଣନ୍ତି। କିନ୍ତୁ ଏବେଠାରୁ ସେହି ଐତିହାସିକ ଘଟଣାର ଜୀବନ୍ତ ସାକ୍ଷୀକୁ ଓଡ଼ିଶାବାସୀ ତଥା ଦେଶବାସୀ ଦେଖିବାର ସୁଯୋଗ ପାଇବେ। ଏହି ବିମାନ ବିଜୁବାବୁଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ସହ ଯୁଗ ଯୁଗ ଧରି ଓଡ଼ିଆମାନଙ୍କୁ ସାହସ, ବୀରତ୍ୱ ଓ ଦେଶ ପାଇଁ ସମର୍ପଣ ଭାବର ବାର୍ତ୍ତା ଦେଇ ଚାଲିବ। ବିଶ୍ୱବାସୀଙ୍କ ସମ୍ମୁଖରେ ଓଡ଼ିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବ ବୋଲି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଡାକୋଟା ବିମାନ କୋଲକାତା ବିମାନବନ୍ଦରରେ ବର୍ଷ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହାକୁ ଗତ ଜାନୁୟାରୀ ୧୮ରେ ଭୁବନେଶ୍ୱର ବିମାନବନ୍ଦରକୁ ଅଣାଯାଇଥିଲା। ଜାନୁୟାରୀ ୨୦ରୁ ଏହାର ମରାମତି ଆରମ୍ଭ କରାଯାଇଥିବାବେଳେ ଏହି କାର୍ଯ୍ୟରେ ୧୫୦ଜଣ ଇଞ୍ଜିନିୟର ଲାଗିଥିଲେ। ବର୍ତ୍ତମାନ ଏହାକୁ ମରାମତି କରାଯାଇ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରଦର୍ଶନ କରାଯାଇଛି। କଳିଙ୍ଗର ସୁପୁତ୍ର ବିଜୁ ବାବୁଙ୍କ ସାହସ, ସଂଗ୍ରାମ ଓ ନେତୃତ୍ୱର ସନ୍ତକ ସାଜିଥିବା ଏହି ଡାକୋଟା ବିମାନର ନାଁ ରଖାଯାଇଛି 'କଳିଙ୍ଗ ଏୟାର ଲାଇନ୍ସ ଭିଟି-ଏୟୁଆଇ'। ଏହାର ଲୋକାର୍ପଣ ଅବସରରେ ମନ୍ତ୍ରୀ ଚୁକୁନି ସାହୁ, ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିତ ଥିଲେ।

୩ ବର୍ଷରେ ୧୩୫ ଦେଶ ...

ନଭେମ୍ବର ୧ରେ ଏମ୍.ଭି. ଜେମିନି ଶିପ୍ ତୁର୍କୀର ଇସ୍ତାନବୁଲରୁ ଏହି ଦୀର୍ଘତମ ଯାତ୍ରା ଆରମ୍ଭ କରିବ। ବିଶ୍ୱରେ ଥିବା ୧୪ ବିସ୍ମୟ ମଧ୍ୟରୁ ଏହି କ୍ରୁଜ୍‌ରେ ଯାତ୍ରା କରୁଥିବା ବ୍ୟକ୍ତି ୧୩ ବିସ୍ମୟକୁ ଦେଖିବାର ସୁଯୋଗ ପାଇବେ। କ୍ରୁଜ୍ ଯାତ୍ରା ପାଇଁ ଆଗ୍ରହୀଥିବା ବ୍ୟକ୍ତିଙ୍କୁ ଭଡ଼ା ବାବଦକୁ ୨୪,୫୧,୩୦୦୦ରୁ ୮୯,୮୮,୩୨୦ ପର୍ଯ୍ୟନ୍ତ ଟଙ୍କା ଦେବାକୁ ପଡ଼ିବ। ଗୋଟିଏ ବର୍ଷର କ୍ରୁଜ୍‌ଯାତ୍ରା ପାଇଁ ଯାତ୍ରୀଙ୍କୁ ପାଖାପାଖି ୩୦,୦୦ ଡଲାର (୨୪,୨୫,୯୧୭ ଟଙ୍କା) ପଇଠ କରିବାକୁ ପଡ଼ିବ। ଏମ୍.ଭି. ଜେମିନିରେ ୧୦୭୪ ଯାତ୍ରୀଙ୍କ ପାଇଁ ୪୦୦ କ୍ୟାବିନ୍ ରୁମ୍, ୨୬୦ ସ୍କୋୟାର୍ ଫୁଟ୍‌ର ବାଲ୍‌କୋନି, ୧୪ ଅଫିସ, ଲାଇବ୍ରେରି, ଲନ୍, ସୁଇମିଂ ପୁଲ୍, ସନ୍ ଡେକ୍, ଫିଟ୍‌ନେଶ୍ ସେଣ୍ଟର, ମିଟିଂ ରୁମ୍ ଏବଂ ମେଡିକାଲ ସୁବିଧା ରହିଛି। କ୍ରୁଜ୍ ଯାତ୍ରା ପାଇଁ ପଇଠ କରାଯାଇଥିବା ଟଙ୍କା ବାଦ୍ ଖାଦ୍ୟ, ପାନୀୟ, ୱାଇ-ଫାଇ ଇତ୍ୟାଦି ସେବା ସକାଶେ ଟଙ୍କା ଦେବାକୁ ପଡ଼ିବ ନାହିଁ। ୧୯୯୨ରେ ନିର୍ମାଣ ନିର୍ମାଣ ହୋଇଥିବା ଏମ୍.ଭି. ଜେମିନି ଶିପ୍‌ର ନବୀକରଣ ଗତ ଅକ୍ଟୋବରରେ କରାଯାଇଥିବା ଲାଇଫ୍ ଆଟ୍ ସି କ୍ରୁଜ୍‌ର ମ୍ୟାନେଜିଂ ଡାଇରେକ୍ଟର ମାଇକେଲ ପିଟରସନ୍ କହିଛନ୍ତି। ୩ ବର୍ଷ ମଧ୍ୟରେ କ୍ରୁଜ୍ ୪୦୦ ବନ୍ଦର ଭ୍ରମଣ କରିବ। ପ୍ରତି ବନ୍ଦରରେ ଏହା ଏକାଧିକ ଦିନ ରହିବ, ଯାହାଦ୍ୱାରା ଯାତ୍ରୀମାନେ ଉକ୍ତ ସ୍ଥାନକୁ ମନଭରି ଉପଭୋଗ କରିପାରିବେ। ଏମ୍.ଭି. ଜେମିନି ଦକ୍ଷିଣ ଆମେରିକା ଓ ଆଣ୍ଟାର୍କଟିକାରେ ୯୮ ଦିନ ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

ରଙ୍ଗେଇଲୁଣ୍ଡାକୁ ଉଡ଼ିଲା ...

ଯାତ୍ରୀ ଥିଲେ ଭୁବନେଶ୍ୱର ସରକାରୀ ଆଇଟିଆଇର ୪ ଛାତ୍ରୀ ଗୀତା ସାହୁ, ମନସ୍ମିନ ନାୟକ, ବିଦୁସ୍ମିତା ନାୟକ ଓ ତନ୍ମୟୀ ପାଟଶାଣୀ ଏବଂ ଅନ୍ୟ ଦୁଇଜଣ ରାଜୀବ ଲୋଚନ ମହାପାତ୍ର ଓ ଧୀରେନ୍ଦ୍ର କୁମାର ହେନ୍ତଳିଆ। ସେମାନଙ୍କୁ ମନ୍ତ୍ରୀ ଉଷା ଦେବୀ, ଜିଲା ପ୍ରଶାସନ ଓ ଜନ ପ୍ରତିନିଧିମାନେ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସ୍ୱାଗତ କରିଥିଲେ। ପରେ ପୂର୍ବାହ୍ନ ୧୧ଟା ୮ରେ ବିମାନଟି ରଙ୍ଗେଇଲୁଣ୍ଡାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରାରମ୍ଭ କରିଥିଲା। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଡିଆର୍‌ଡିଏ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଚିନି.ଉଷାରାଣୀ ଏଥିରେ ଭୁବନେଶ୍ୱରକୁ ଯାତ୍ରା କରିଥିଲେ। ସପ୍ତାହକୁ ୨ଦିନ ବିମାନ ଚଳାଚଳ କରିବ। ଭୁବନେଶ୍ୱରରୁ ସକାଳ ୯ଟାରେ ବାହାରି ୧୦ଟାରେ ରଙ୍ଗେଇଲୁଣ୍ଡାରେ ପହଞ୍ଚିବ। ସେଠାରୁ ୧୦ଟା ୨୦ରେ ଉଡ଼ାଣ ଭରି ଭୁବନେଶ୍ୱର ବିମାନ ବନ୍ଦରରେ ୧୧ଟା ୨୦ରେ ଅବତରଣ କରିବ। ମନ୍ତ୍ରୀ ଉଷା ଦେବୀ କହିଲେ, ପ୍ରଥମ କରି ବିଜୁ ବାବୁ ଡାକୋଟା ବିମାନ ଯୋଗେ ଏଠାକୁ ଆସିଥିଲେ। ସେତେବେଳେ ଏଠାରେ ବିମାନ ବନ୍ଦର କରିବା ପାଇଁ ବହୁ ଚେଷ୍ଟା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ସ୍ୱପ୍ନକୁ ପୂରା କରିଛନ୍ତି। ମନ୍ତ୍ରୀ ଶ୍ରୀକାନ୍ତ ସାହୁ କହିଲେ, ଲୋକଙ୍କ ଆଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି। ପ୍ରତିଦିନ ବିମାନ ଉଡ଼ାଣ ହେଲେ କମ୍ ସମୟରେ ଲୋକେ ଜରୁରୀ ସେବା ପାଇପାରିବେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆରଡିସି ଟି. ଆପଙ୍ଗ ଆଓ, ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣ ବିବେକ ଏମ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭି. କୀର୍ତ୍ତିଭାସନ୍, ବିଇଏମ୍‌ସି କମିଶନର ଜେ.ସୋନାଲ, ଆସ୍କା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ସୁବାସ ବେହେରା, ବିଧାୟିକା ଲତିକା ପ୍ରଧାନ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡ. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ସୁବାସ ମହାରଣା, ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାଶ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ୍ ରାୟ, କନିଷି ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ସଦର ଏସ୍‌ଡିପିଓ ଶିବ ଶଙ୍କର ମହାପାତ୍ର, ଗୋପାଳପୁର ଥାନାଧିକାରୀ ଶାରଦା ପ୍ରସନ୍ନ ଦାଶ, ଜେଇ ଲକ୍ଷଣ କୁମାର ମାରାଣ୍ଡି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଏମ. ସୁଜାତା ପ୍ରମୁଖ ଉପସ୍ଥିତ ଥିଲେ।

ଭାରତର ୩ ଗୁଣା ଚାଇନା ...

ବିକାଶ ସ୍ୱାର୍ଥ ସୁରକ୍ଷିତ ରହିଥିବା ଲି କହିଥିଲେ। ୨୦୨୭ରେ ପିଏଲ୍‌ଏ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ କରାଯିବାକୁ ଥିବାବେଳେ ସଶସ୍ତ୍ର ବଳର ଆଧୁନିକୀକରଣ ଉପରେ ବିଦାୟୀ ପ୍ରଧାନମନ୍ତ୍ରୀ ଲି ଗୁରୁତ୍ୱାରୋପ କରିଛନ୍ତି। ପ୍ରକାଶ ଯେ, ୨୦୨୦ ମେ'ରେ ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରରେଖା (ଏଲ୍‌ଏସି)ରେ ପିଏଲ୍‌ଏ ଭାରତର ଅଞ୍ଚଳକୁ ଦଖଲ ଉଦ୍ୟମ ବେଳେ ଭାରତୀୟ ଯବାନଙ୍କ ସହ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ଉଭୟ ପକ୍ଷର ସୈନ୍ୟ ମୃତାହତ ହୋଇଥିଲେ।



ହୋଲି ପର୍ବକୁ ସୁରକ୍ଷିତ ଭାବେ ତଥା ପ୍ରାକୃତିକ ରଙ୍ଗରେ ଖେଳିବା ପାଇଁ ରବିବାର କୋଣାର୍କର ଚନ୍ଦ୍ରଭାଗା ସମୁଦ୍ରକୂଳରେ ଶିଳ୍ପୀ ସରିତା ଗୋଛାୟତ ବାଲୁକା କଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି ।

ଟିକା ପରିବହନ ପାଇଁ ୧୦ ତାପ ସଂରକ୍ଷିତ ଯାନ

ଆଉ ୫ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଆସିଲା

ଭୁବନେଶ୍ୱର, ୫।୩(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ଟିକାର ନିରାପଦ ପରିବହନ ପାଇଁ ୧୦ଟି ତାପ ସଂରକ୍ଷିତ ଯାନ ଓ ଆଉ ୫ଟି ଭ୍ରାମ୍ୟମାଣ ଯାନ କିଣାଯାଇଛି। ଏ ନେଇ ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ଗୋଟିଏ ରାଜ୍ୟସ୍ତରୀୟ ଟିକା ସଂରକ୍ଷଣ ଭଣ୍ଡାର ରହିଥିବାବେଳେ ୩୦ ଜିଲାରେ ଟିକା ଗଚ୍ଛିତ କେନ୍ଦ୍ର ଓ ୧,୯୯୦ଟି ନିରାପଦ ଶୀତଳୀକରଣ କେନ୍ଦ୍ର ରହିଛି। ଏ ସମସ୍ତ ଟିକା ଭଣ୍ଡାର ଓ ଟିକାକରଣ କେନ୍ଦ୍ରକୁ ଏସବୁ ତାପ ସଂରକ୍ଷିତ ଯାନ ମାଧ୍ୟମରେ ଟିକା ପରିବହନ ହେବ। ଏହି ଯାନଗୁଡ଼ିକ ରାଜ୍ୟରେ ସହଜ ଟିକା ଯୋଗାଣର ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଟିକା ସଂରକ୍ଷଣ ଭଣ୍ଡାର ଏବଂ ୯ଟି ଆଞ୍ଚଳିକ ଟିକା ସଂରକ୍ଷଣ କେନ୍ଦ୍ର ଯଥା ବାଲେଶ୍ୱର, ବଲାଙ୍ଗୀର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, କୋରାପୁଟ, ଫୁଲବାଣୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ରେ ଅବସ୍ଥାପିତ କରାଯିବ।

ସେହିପରି ସୁଦୂର ଗ୍ରାମାଞ୍ଚଳରେ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଓ ରକ୍ତ ସଂଗ୍ରହ ପାଇଁ ରକ୍ତ ସଂରକ୍ଷଣ ଯାନ ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯାଇଛି। ୨୦୧୯ରେ ୯ଟି ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଏସ୍‌ସିବି ମେଡିକାଲ କଲେଜ, ଏମ୍‌କେସିଜି ମେଡିକାଲ କଲେଜ, ଭିମ୍‌ସାର ବୁର୍ଲା, ବଲାଙ୍ଗୀର, ବାରିପଦା ବାଲେଶ୍ୱର ଓ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ରାଉରକେଲା ଆର୍‌ଜିଏଚ୍‌କୁ ଯୋଗାଇ ଦିଆଯାଇଥିଲା। ଫଳରେ ୨୦୨୦ରେ ରକ୍ତ ସଂଗ୍ରହ ଅନୁପାତ ୮୯.୯୧୭ ୟୁନିଟ୍‌ରୁ ବୃଦ୍ଧି ପାଇ ୨୦୨୨ରେ ୧,୭୬.୭୪୭ ୟୁନିଟ୍‌ରେ ପହଞ୍ଚିପାରିଛି। ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଉ ୫ଟି ସମ୍ପୂର୍ଣ୍ଣ ରୂପେ ବିକଶିତ ହୋଇଥିବା ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ନିଗମ ପକ୍ଷରୁ କିଣାଯାଇଛି। ଏଥିରେ ସମସ୍ତ ପ୍ରକାରର ନୂତନ ଜ୍ଞାନକୌଶଳ ସଜ୍ଜିତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି।

ରାଜନଗର ହାଇସ୍କୁଲରେ ଅଗ୍ନିକାଣ୍ଡ, ଜଳିଗଲା ରାଶନ

ପାଟଣା,୫।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ କାଠବେଞ୍ଚ ପୋଡ଼ି ନଷ୍ଟ ହୋଇଯାଇଛି। ଏଥିସହ ଷ୍ଟୋରରେ ଥିବା ରୋଷେଇ ସାମଗ୍ରୀ ଓ ମାସକର ଏମ୍‌ଡିଏମ୍ ରାଶନ ପୋଡ଼ି ପାଉଁଶ ହୋଇଯାଇଛି।

ସ୍କୁଲ କମିଟି ସଭାପତି ତୃପ୍ତି ରଞ୍ଜନ ସିଂଙ୍କ କହିବା ଅନୁଯାୟୀ, ଉକ୍ତ ଲଙ୍ଗ ହଲକୁ ଷ୍ଟୋର ରୁମ୍ ସହ ମଧ୍ୟାହ୍ନ ଭୋଜନ ରୋଷେଇ ଘର ଭାବେ ବ୍ୟବହୃତ ହେଉଥିଲା। ଶନିବାର ରୋଷେଇ

ପରେ ଚୁଲି ଉପରେ କାଠ ଶୁଖା ଯାଇଥିଲା। ରାତିରେ ଚୁଲି ନିଆଁ କାଠରେ ସଂଯୋଗ ହୋଇ ଜଳିବାକୁ ଲାଗିଥିଲା। ନିଆଁର ପ୍ରକୋପ ଏତେ ମାତ୍ରାରେ ଥିଲା ୩୦ ଫୁଟ୍ ଉଚ୍ଚରେ ଝୁଲ ଉପରକୁ ଉଠିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପାଟଣା ଅଗ୍ନିଶମ କର୍ମଚାରୀ ପହଞ୍ଚିବା ନିଆଁକୁ ଆୟତ୍ତ କଲାବେଳକୁ ବିଦ୍ୟାଳୟର ଷ୍ଟୋର ରୁମ୍‌ରେ ଥିବା ସମସ୍ତ ବେଞ୍ଚ, ବିଦ୍ୟାଳୟ ପରିସରରୁ କଟାଯାଇ ରଖା ଯାଇଥିବା ଗଛ ଗଣ୍ଡି, ରୋଷେଇ ପାଇଁ ମହଜୁଦ ମାସକର ସାମଗ୍ରୀ ଜଳି ଧ୍ୱଂସ ହୋଇଯାଇଥିଲା। ତେବେ ଅନ୍ୟ ରୁମ୍‌କୁ ନିଆଁ ଡେଇଁବା ପୂର୍ବରୁ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ସଫଳ ହୋଇଥିଲେ।

ସହଯୋଗୀରୁ ସଫଳ ବ୍ୟବସାୟୀ

ପିଲାଟିଦିନରୁ ପାଠପଢ଼ା ସହ ଅନେକ କ୍ଷେତ୍ରରେ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରୁଥିବା ଜଣେ ମେଧାବୀ ଛାତ୍ରୀ ଉଚ୍ଚ ଶିକ୍ଷା ପରେ ହାତକୁ ଦୁଇହାତ ହୋଇଯାଆନ୍ତି। ବିଶେଷକରି ଛାତ୍ରୀଙ୍କ ମନରେ ରହିଥିବା ଅସୁମାରି ସ୍ୱପ୍ନକୁ ସ୍ୱାମୀ ଭଲ ଭାବେ ବୁଝି ପାରିଥାଆନ୍ତି। ପରବର୍ତ୍ତୀ ସମୟରେ ସ୍ୱାମୀଙ୍କ ବ୍ୟବସାୟରେ ସହଭାଗୀ ହୋଇ ବ୍ୟବସାୟର ସମସ୍ତ ଅଭିଜ୍ଞତା ହାସଲ ସହ ହ୍ୟୁଣ୍ଡାଇ ମୋଟର୍ସର ଏକ ସୁଯୋଗକୁ ସେ ସଫଳ ବ୍ୟବସାୟରେ ପରିଣତ କରାଇପାରିଥିଲେ। ସେହି ସଫଳ ମହିଳା ଉଦ୍ୟୋଗୀ ତଥା କୋଶଳ ଅଟୋମୋବାଇଲର ନିର୍ଦ୍ଦେଶିକା ପଦ୍ମିନୀ ପାଣିଗ୍ରାହୀଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଲୋଚନା...

ପଦ୍ମିନୀ ପାଣିଗ୍ରାହୀ

ପ୍ର–୧: ଅଟୋ ଇଣ୍ଡଷ୍ଟ୍ରିରେ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ କ'ଣ?

ଉ: ଦେଶର ସମସ୍ତ ଅଟୋ ନିର୍ମାତାମାନେ ଆବଶ୍ୟକ ପରିମାଣର ସାମଗ୍ରୀ ଠିକ୍ ସମୟରେ ପାଇପାରୁନାହାନ୍ତି। ବିଶେଷକରି ସେମିକଣ୍ଡକ୍ଟରର ଅଭାବୀ ଯୋଗୁ ସବୁଠାରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି କମ୍ପାନୀ ମୂଲ୍ୟ ବୃଦ୍ଧି କରାଇବା ସହ ସରକାରଙ୍କ ନିୟମାବଳୀ ଏବଂ ଅତିରିକ୍ତ ଦରବୃଦ୍ଧି ଯୋଗୁ ମଧ୍ୟ ସମସ୍ୟା ଦେଖାଦେଉଛି। ଅପରପକ୍ଷରେ ମୂଲ୍ୟବୃଦ୍ଧି ଓ ମାନ୍ଦାବସ୍ଥା ଯୋଗୁ ନିକଟରେ ୪ଟି ଅଟୋମୋବାଇଲ କମ୍ପାନୀ ଭାରତରୁ ଉତ୍ପାଦନ ବନ୍ଦ କରି ଦେଇଛନ୍ତି। ସେହିଭଳି ତୈଳ ଦର ବ୍ୟବସାୟ ପାଇଁ ଅନ୍ୟ ଏକ ପ୍ରମୁଖ ସମସ୍ୟା ପାଲଟିଛି। ଏପରିକି ଗ୍ରାହକ ମଧ୍ୟ ସରକାରଙ୍କ ନୀତିନିୟମ ଓ ଦରବୃଦ୍ଧି ପାଇଁ ଅଧିକ ଚିନ୍ତିତ ଅଛନ୍ତି।

ପ୍ର–୨: କୋଶଳ ଅଟୋମୋବାଇଲର ଯାତ୍ରା କିଭଳି ରହିଛି?

ଉ– ବିଂଶ ଶତାବ୍ଦୀରେ ବିଭିନ୍ନ ଗାଡ଼ି କମ୍ପାନୀ ଓଡ଼ିଶା ବଜାରରେ କାରବାର କରିବାକୁ ବିଜ୍ଞାପନ ଦେଉଥିଲେ। ଏପରିକି ୨୦୦୪ରେ ରାଉରକେଲା ସହର ପାଇଁ ହ୍ୟୁଣ୍ଡାଇର ବିଜ୍ଞାପନ ଆମ ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା। ଫଳରେ ୨୦୦୪ରୁ କୋଶଳ ଅଟୋମୋଟାବାଲ ନାମରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରର ଅୟମାରମ୍ଭ ହୋଇଥିଲା। ବିଶେଷକରି ବହୁ ଘାତପ୍ରତିଘାତ ଏବଂ ଅପ ଆଣ୍ଡ ଡାଉନ ମଧ୍ୟ ଦେଇ କୋଶଳର ଯାତ୍ରା ଜାରି ରହିଛି। ଏପରିକି ସବୁସ୍ତରର ସହଯୋଗ ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଓ ଉତ୍ତମ ଗ୍ରାହକ ସେବା ଯୋଗୁ ବ୍ୟବସାୟ ବଞ୍ଚିରହିଛି। ସବୁଠାରୁ ବଡକଥା ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଏକ ଉତ୍ତମ ସମ୍ପର୍କ ବ୍ୟବସାୟ ବୃଦ୍ଧିରେ ସହାୟକ ହୋଇପାରିଛି।

ପ୍ର–୩ : ଅଟୋମୋବାଇଲ ବ୍ୟବସାୟରେ ବିକ୍ରି–ବିକ୍ରି ପରବର୍ତ୍ତୀ ସେବାକୁ କିଭଳି ବୃଦ୍ଧି କରିହେବ?

ଉ– ବିକ୍ରି ଓ ବିକ୍ରି ପରବର୍ତ୍ତୀ ସେବା ଯେତିକି ଗୁରୁତ୍ୱ ତା'ଠାରୁ ବେଶି ଗ୍ରାହକଙ୍କ ବିଶ୍ୱାସ ଏବଂ ଭରସା ହାସଲ କରିବା। ଏପରିକି ବର୍ତ୍ତମାନର ଆଧୁନିକ ସମୟରେ ବ୍ୟବସାୟର ପ୍ରତିଟି ସୂଚନାକୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭିନ୍ନଧରଣର ଉପସ୍ଥାପନ କରିବାକୁ ହେବ। ଫଳରେ ଉଭୟ ପୁରୁଣା ଓ ନୂଆ ଗ୍ରାହକଙ୍କୁ ଆକୃଷ୍ଟ କରିବା ସହ ସେମାନଙ୍କର ଆବଶ୍ୟକତା ମଧ୍ୟ ପୂରଣ କରିହେବ। ସେହିଭଳି ଗାଡି ସମ୍ପର୍କିତ ସମସ୍ତ ସୂଚନା ଓ ନୂତନ ଉତ୍ପାଦ ଏବଂ ଅଫର ଭଳି ସୂଚନା ମଧ୍ୟ ଠିକ୍ ଭାବେ ଗ୍ରାହକଙ୍କୁ ଅବଗତ କରାଇବାକୁ ପଡିବ। ଏପରିକି ବିଭିନ୍ନ ସମୟରେ ଗ୍ରାହକ ସମ୍ମିଳନୀ କରି ଉଭୟ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଭାବ ବିନିମୟ ଆବଶ୍ୟକ ହୋଇଥାଏ। ଉପରୋକ୍ତ ବିଷୟକୁ ଭଲ ଭାବେ ଧ୍ୟାନଦେଲେ ସବୁକିଛି ଠିକ୍ ହୋଇପାରିବ।

ପ୍ର–୪: ବ୍ୟବସାୟରେ ବ୍ରାଣ୍ଡ୍ ଭୂମିକା କିଭଳି ରହିଥାଏ?

ଉ– ସବୁ ବ୍ୟବସାୟରେ ବ୍ରାଣ୍ଡର ଭୂମିକା ରହିଥାଏ। ହେଲେ ଅଟୋମୋବାଇଲ କ୍ଷେତ୍ରରେ ବେଶି ରହିଥାଏ। କାରଣ ଉପଭୋକ୍ତା ତା'ର ବହୁ ଦିନର ସମ୍ବଳକୁ ବିନିଯୋଗ କରି ଏକ ଗାଡି ନେବାକୁ ଇଚ୍ଛା କରିଥାଏ। ଗ୍ରାହକଙ୍କୁ ଗାଡିର ଠିକ୍ ସୂଚନା ଓ ବିକ୍ରି ପରବର୍ତ୍ତୀ ସେବା ସାଙ୍ଗକୁ ଗ୍ରାହକ ସମ୍ପର୍କ ମଧ୍ୟ ବ୍ୟବସାୟରେ ଭଲ ପ୍ରଭାବ ପକାଇଥାଏ। ଯେଉଁ ବ୍ରାଣ୍ଡର ଉତ୍ପାଦକୁ ନେଇ କାରବାର କରିବା ପ୍ରଥମେ ସେହି ବ୍ରାଣ୍ଡର ସମସ୍ତ ସୂଚନା ଠିକ୍ ଭାବେ ଗ୍ରାହକଙ୍କୁ ପ୍ରଦାନ କରିବା ଆବଶ୍ୟକ। ବିଶେଷକରି ଗାଡି ବୁକିଂଠାରୁ ବିକ୍ରି ପରବର୍ତ୍ତୀ ସେବା ପାଇଁ ସାମଗ୍ରୀର ସୂଚନା ବ୍ରାଣ୍ଡକୁ ଅଧିକ ଲୋକାଭିମୁଖୀ କରାଇଥାଏ।

ପ୍ର–୫: ଅବସର ସମୟରେ କ'ଣ କରିବାକୁ ଭଲପାଆନ୍ତି?

ଛତିଆ,(ଡି.ଏନ୍.ଏ.): ବଡ଼ଚଣା ବ୍ଲକ୍ ଛତିଆ ନିକଟସ୍ଥ ଧନିଆ ପାହାଡ଼ ପାଦଦେଶରେ ଅବସ୍ଥିତ ମାଳିକା ପ୍ରସିଦ୍ଧ ଅମରାବତୀ କଟକ ମଠ ପରିସରରେ ଆସନ୍ତା ୭ ତାରିଖରେ ଅମରାବତୀ ମେଳଣ ଅନୁଷ୍ଠିତ ହେବ। ୨୦ରୁ ଊର୍ଦ୍ଧ୍ୱ ବିମାନ ମଠ ପୂଜା ମଣ୍ଡପରେ ପହଞ୍ଚିବ। ପୂଜାର୍ଚ୍ଚନା ଓ ଭୋଗ ଅର୍ପଣ ପରେ ବିଦାୟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଆୟୋଜକଙ୍କ ପକ୍ଷରୁ ସୋମବାର ସନ୍ଧ୍ୟାରେ କଣ୍ଟଶିଳ୍ପୀ ବସନ୍ତ ପାତ୍ର ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯିବ। ମଙ୍ଗଳବାର ସକାଳୁ ରାଧାମୋହନଙ୍କ ବିମାନ ଯାତ୍ରା ଆରମ୍ଭ ହେବ। ମଠ ଯାତ୍ରା ପଡ଼ିଆରେ ବିଭିନ୍ନ ଦୋକାନ ଓ ଦୋଳି ପଡ଼ିଥିବା ଦେଖିବାକୁ ମିଳିଛି। ଶାନ୍ତି ଶୃଙ୍ଖଳାର ସହ ମେଳଣ ସମାପନ ପାଇଁ ମଠ ପରିଚାଳନା କମିଟିର ସମସ୍ତ ସଭ୍ୟ ପ୍ରସ୍ତୁତ ଥିବା ବିପିନ ବିଶ୍ୱାଳ ସୂଚନା ଦେଇଛନ୍ତି।

ଘଡ଼େଇଙ୍କ ଭାଷଣକୁ ବିରୋଧ

ଜିଲାସ୍ତରୀୟ କୃଷି ସମ୍ମିଳନୀ

କୃଷି ସମ୍ମିଳନୀର ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି ।

ସମ୍ମିଳନୀରେ ଭାଷଣକୁ ବିରୋଧ କରି ଲୋକେ ଆନ୍ଦୋଳନ କରୁଛନ୍ତି ।

ଯାଜପୁର ଅଫିସ,୫।୩

ଯାଜପୁର ଜିଲାରେ ଚଳିତ ଖରିଫ ଋତୁ ଧାନ ସଂଗ୍ରହରେ ମିଲ୍ ମାଲିକଙ୍କ ପ୍ରାଦୁର୍ଭାବ ସୀମା ଲଂଘିଛି। ମଣ୍ଡି ନାଁରେ ମିଲ୍ ମାଲିକମାନେ ସିଧାସଳଖ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରିଛନ୍ତି। ମିଲ୍ ପରିସରରେ ଚାଷୀଙ୍କ ଧାନ ଗାଡ଼ି ଦିନ ଦିନ ଧରି ଅଟକି ରହିଛି। ଏଥିରେ ଚାଷୀମାନେ ଅଧିକ ଗାଡ଼ି ଭଡା ଦେଇ ସର୍ବସ୍ୱାନ୍ତ ହୋଇଥିବାବେଳେ କୁଇଣ୍ଟାଲ ପିଛା ୫ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କାଟି ମିଲ୍ ମାଲିକମାନେ ମାଲାମାଲ ହୋଇଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଅଜୁଣ୍ଟରେ ମିଲ୍ ମାଲିକମାନଙ୍କୁ ଏଥିରେ ସହଯୋଗ କରିଛନ୍ତି। ଏଭଳିସ୍ଥଳେ ଶନିବାର ରାତିରେ ଜିଲାସ୍ତରୀୟ କୃଷି ସମ୍ମିଳନୀର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜନୈତିକ ଭାଷଣକୁ ଚାଷୀ ଏବଂ ଯୁବକମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲଚନ୍ଦ୍ର ଘଡେଇ ଉଦ୍‌ବୋଧନ ଦେଇ ବିଜେଡି ସରକାର ଅମଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ସେହିପରି ସୁକିନ୍ଦା ଅଞ୍ଚଳର ଉନ୍ନୟନ କଥା କହିଥିଲେ। ଏହି ସମୟରେ କେତେଜଣ ସ୍ଥାନୀୟ ଚାଷୀ ଓ ଯୁବକ ଜୋରଦାର ବିରୋଧ କରିଥିଲେ। ଧାନମଣ୍ଡି କାହିଁକି ହେଉନି ଓ ସରକାରୀ କାର୍ଯ୍ୟକ୍ରମରେ ରାଜନୀତି କାହିଁକି ପୂରାଉଛ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଘଡେଇ ମଞ୍ଚରୁ ପଳାଇ ଯାଇଥିଲେ। ସେଠାରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଚାଷୀ ଓ ଯୁବକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଆୟତ୍ତ କରିଥିଲେ। ତେବେ ଚାଷୀ ଓ ଯୁବ ସମାଜର ଏଭଳି ବିରୋଧ ସୁକିନ୍ଦା ରାଜନୀତିକୁ ପ୍ରଭାବିତ କରିପାରେ ବୋଲି ଚର୍ଚ୍ଚା ହେଉଛି।

ଉଲ୍ଲେଖଯୋଗ୍ୟ ଯେ, ଜିଲା ପ୍ରଶାସନ ଓ ଟାଟା ଷ୍ଟିଲର ମିଳିତ ସହଯୋଗରେ ସୁକିନ୍ଦାଗଡ଼ ଷ୍ଟାଡିୟମ ପରିସରରେ ତିନିଦିନ ଧରି ଆୟୋଜିତ ହୋଇଥିବା ଚାଷୀ ସମ୍ମିଳନୀକୁ ପ୍ରଥମ ଦିନରେ ରାଜ୍ୟର କୃଷି ମନ୍ତ୍ରୀ ଉଦ୍‌ଘାଟନ କରିଥିବାବେଳେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ଏଥିସହିତ ପ୍ରତିଦିନ ପୂର୍ବାହ୍ନରେ ସୁକିନ୍ଦା ଓ ଦାନଗଦି ବ୍ଲକର ଶତାଧିକ ଚାଷୀଙ୍କୁ ଉପରୋକ୍ତ ବିଭାଗ ପକ୍ଷରୁ ନୂତନ ଜ୍ଞାନକୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ ଯୋଗଦେଇ ଚାଷୀମାନଙ୍କ ସହିତ ଉନ୍ନତ ଚାଷ କୌଶଳ ପ୍ରଶିକ୍ଷଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ଘଡେଇ, ସୁକିନ୍ଦାଗଡ଼ ରାଜା ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟସ ଟପ୍ପୋ, ସୁକିନ୍ଦା ବ୍ଲକ ଅଧକ୍ଷ ଦିବ୍ୟ ରଞ୍ଜନ ବରାଳ, ଉପାଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲାପରିଷଦ ସଭ୍ୟ ପ୍ରତାପ କୁମାର ପଟ୍ଟନାୟକ, ଟିନା ହାଇବୁ, ସ୍ମୃତିରେଖା ରାଉତ, ଜେମା ଚାଖି, ସୁକିନ୍ଦାଗଡ଼ ପଞ୍ଚାୟତ ସରପଞ୍ଚ ସ୍ୱାଧୀନ ଦାସ ଓ ସୁକିନ୍ଦା ଥାନାର ଭାରପ୍ରାପ୍ତ ଅଧିକାରୀ କାବୁଲି ବାରିକ ମଞ୍ଚାସୀନ ଥିଲେ।

ରାସ୍ତା, କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର

ବିଧାୟକ ବଳାଙ୍ଗିଆ ରାସ୍ତାର ଶିଳାନ୍ୟାସ କରୁଛନ୍ତି ।

ଧର୍ମଶାଳା,୫।୩(ଡି.ଏନ.ଏ.):

ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ରବିବାର ଧର୍ମଶାଳା ବ୍ଲକ୍ ଅଧୀନ ଚକ୍ରଧରପୁର ପଞ୍ଚାୟତରେ ଏକ ରାସ୍ତା ଓ ଏକ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଛନ୍ତି। ଶିଳାନ୍ୟାସ ହୋଇଥିବା ରାସ୍ତାଟି ଏନ୍‌ଏଚ୍ ୫୩ଠାରୁ ବଳାଙ୍ଗିଆ ଭାୟା କୁସୁନପୁରକୁ ଯାଇଛି। ଏହି ରାସ୍ତା ପାଇଁ ୨ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରାସ୍ତାଟି ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ୨ ଜାରକା ପକ୍ଷରୁ ନିର୍ମାଣ କରାଯିବ। ସେହିପରି ବ୍ଲକ୍ ପକ୍ଷରୁ ଚକ୍ରଧରପୁର ପଞ୍ଚାୟତର ଚକ୍ରଧରପୁରଠାରେ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲ୍ୟାଣ ମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜଳଧର ବେହେରା, ସ୍ଥାନୀୟ ଜିଲାପରିଷଦ ସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

କଟକ ରାଇଜିଂ ଷ୍ଟୁଡେଣ୍ଟ୍ ଫାଇନାଲରେ

ଧର୍ମଶାଳା,୫।୩(ଡି.ଏନ.ଏ.):

ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଅଷ୍ଟମ ଧର୍ମଶାଳା କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ୪/୦ ଗୋଲରେ ପଶ୍ଚିମବଙ୍ଗର ଖଡ଼ଗପୁର ଏକାଦଶକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକର ଦିଗଲ ସିଂ ଓ ଗୁଡ୍ଡୁ ସାମଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଦିଗଲ ସିଂ ଓ ହେମନ୍ତ ମୁର୍ମୁ ଗୋଟିଏ ଲେଖାଏ ଗୋଲ କରି ଦଳକୁ ବିଜୟୀ କରାଇଥିଲେ। ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ। ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ସବର ସ୍ପୋର୍ଟିଂ ଖୋର୍ଦ୍ଧା ଓ କଟକ ଗଣ୍ଡରପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ।

ଗଣମାଧ୍ୟମ ନିସ୍ପକ୍ଷ ହେବା ଆବଶ୍ୟକ

ଯାଜପୁର ଟାଉନ,୫।୩ (ଡି.ଏନ.ଏ.):

'ଦିନଚର୍ଯ୍ୟା'ର ଦ୍ୱାଦଶ ସ୍ୱନକ୍ଷତ୍ର ଉତ୍ସବ

ଯାଜପୁର ସହରରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଦିନଚର୍ଯ୍ୟା'ର ଦ୍ୱାଦଶ ସ୍ୱନକ୍ଷତ୍ର ଦିବସ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଉତ୍ସବର ପ୍ରଥମ ଅଧିବେସନରେ ଦିନଚର୍ଯ୍ୟାର ସମ୍ପାଦକ ତପନମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିବାବେଳେ ଉଦ୍‌ଘାଟକରୂପେ ଯାଜପୁର ପୂର୍ବତନ ପୌରପାଳ ଯଯାତି କେଶରୀ ଦାସ ଯୋଗଦେଇ ଗଣମାଧ୍ୟମ ନିରପେକ୍ଷ ସହ ନିସ୍ପକ୍ଷ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ମେଲ୍‌ର ସମ୍ପାଦକ ପୀତବାସ ମିଶ୍ର, ସମ୍ମାନିତ ଅତିଥି ଖବରଦାତା ଭାଗବତ ପ୍ରସାଦ ତ୍ରିପାଠୀ, ସାରସ୍ୱତ ସାଧକ ଡ. ରୁଦ୍ରନାରାୟଣ ପୃଷ୍ଟି, ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ପଞ୍ଚାୟତ ସମିତିର ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଓ ସମ୍ବାଦପତ୍ର ବିଶ୍ୱବାଣୀର ସମ୍ପାଦକ ଅର୍ଜୁନ ମୁଦୁଲି ପ୍ରମୁଖ ଯୋଗଦେଇ ସମ୍ବାଦପତ୍ର ଓ ସାମ୍ବାଦିକତା ସମ୍ପର୍କରେ ବିଭିନ୍ନ ମତପୋଷଣ କରିଥିଲେ। ଏହି ଅବସରରେ ଦିନଚର୍ଯ୍ୟାର ଜନ୍ମ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ସାନ୍ଧ୍ୟ ଅଧିବେସନରେ ମୁଖ୍ୟ ଅତିଥିଭାବେ ଶ୍ରମିକ ନେତା ମାୟାଧର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିରୂପେ ସାରସ୍ୱତ ସାଧକ ବ୍ରଜ ନାୟକ, ଡ. ରାଜକିଶୋର ପଣ୍ଡା, ନାଥସାହି ଆଞ୍ଚଳିକ ମହାବିଦ୍ୟାଳୟ ଅଧକ୍ଷ ଅଶୋକ ଦାଶ ଯୋଗଦେଇଥିଲେ। ଖବରଦାତା କାଶୀନାଥ ବାରିକ, ପ୍ରମିଳା ରାଉତ, ସମରଜିତ ମହାନ୍ତି, ଅଜୟ ରାଉଳ ଓ ଦିଲ୍ଲୀପ ଦାସ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ କାମେଶ୍ୱର ପଣ୍ଡା ସଭାପତିତ୍ୱ କରିଥିବାବେଳେ ତରଣୀ ମହାରଣ୍ୟ ଶର୍ମା ଧନ୍ୟବାଦ ଦେଇଥିଲେ।

ଜଳିଗଲା ବାଉଁଶ ବୁଦା, ବଢ଼ିଲା ଶତାଧିକ ଟ୍ରକ୍

କାଳିଆପାଣି,୫।୩(ଡି.ଏନ.ଏ.):

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଳିଆପାଣି ଗ୍ରାମ ନିକଟ ରାସ୍ତା କଡ଼ରେ ଥିବା ବାଉଁଶ ବୁଦାରେ ରବିବାର ସନ୍ଧ୍ୟାରେ ନିଆଁଲାଗି ଅନେକ ବାଉଁଶ ଜଳିଯାଇଛି। ମାତ୍ର ରାସ୍ତାକଡ଼ରେ ଥିବା ଶତାଧିକ ଟ୍ରକ୍ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। କାଳିଆପାଣି ପଞ୍ଚାୟତର ଇମ୍ପା ଖଣି ନିକଟ ଟମକା-ମଙ୍ଗଳପୁର ରାସ୍ତା ଉପରେ ଧାଡ଼ିରେ ଠିଆ ହୋଇଥିବା ଟ୍ରକଗୁଡ଼ିକ ନିକଟରେ ବାଉଁଶ ବୁଦା ଜଳିବାରୁ ଲୋକେ ଭୟଭିତ ହୋଇ ଯାଇଥିଲେ। ଖବର ପାଇ ଟାଟା ଷ୍ଟିଲ୍ ମାଇନିଙ୍ଗ କମ୍ପାନୀର ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲେ।

ନିଆଁ ଜଳିବା ଦେଖି ଡ୍ରାଇଭରମାନେ ଟ୍ରକ୍‌ଗୁଡ଼ିକୁ ସେଠାରୁ ହଟାଇ ଦେଇଥିଲେ।

ଶିଳ୍ପୋଦ୍ୟୋଗୀ ସପ୍ତାହ-୨୦୨୩ ଉଦ୍‌ଘାଟିତ

କଳିଙ୍ଗନଗର,୫।୩(ଡି.ଏନ.ଏ.):

ବ୍ୟାସଦେବ ସଂସ୍କୃତି ଭବନ ପରିସରରେ ରବିବାର ଜିଲାସ୍ତରୀୟ ଶିଳ୍ପଦ୍ୟୋଗୀ ସପ୍ତାହ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। କୋରେଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠାର କର୍ଣ୍ଣଧାର ରହିଥିବାବେଳେ ତାଙ୍କ କାର୍ଯ୍ୟାବଳୀକୁ ସମ୍ମାନ ପୂର୍ବକ ତାଙ୍କ ଜନ୍ମ ଶତବାର୍ଷିକଠାରୁ ଶିଳ୍ପଦ୍ୟୋଗୀ ସପ୍ତାହ ପାଳନ ନିମନ୍ତେ ରାଜ୍ୟ ସରକାର ଘୋଷଣା କରିଛନ୍ତି। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଶିଳ୍ପଦ୍ୟୋଗୀ ସପ୍ତାହର ପ୍ରଥମ ଦିନ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ଉଦ୍ୟୋଗୀଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଥିଲା। କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଶିଳ୍ପାଭିମୁଖୀ ଯୋଜନା ସମ୍ପର୍କରେ ବାଖ୍ୟା କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଉଦ୍ୟୋଗିକ ବିକାଶ ଦିଗରେ ରୂପାନ୍ତରଣ ହୋଇଥିବା ଜିଲା ଶିଳ୍ପ କେନ୍ଦ୍ର ଅଧିକାରୀ ଅଭୟ କୁମାର ନାୟକ ସୂଚନା ଦେଇଥିଲେ।

ବିଧାୟକ ଅଶୋକ ବଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

ଜନପ୍ରତିନିଧିଙ୍କ ଭତ୍ତା ବୃଦ୍ଧି ଦାବି

ଭୋଟକା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଜନପ୍ରତିନିଧି ଓ ଅନ୍ୟମାନେ।

ରସୁଲପୁର,୫।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ପଞ୍ଚାୟତିରାଜ ଦିବସ ରବିବାର ପାଳିତ ହୋଇଯାଇଛି। ତୃଣମୂଳସ୍ତରରେ ଜନସାଧାରଣଙ୍କ ସମସ୍ୟା ସହ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନେ ଜଡ଼ିତ ଅଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟର ଦାୟିତ୍ୱ ବଢ଼ିବାରେ ଲାଗିଛି। ହେଲେ ଜନପ୍ରତିନିଧିଙ୍କ ଭତ୍ତା ବଢୁନାହିଁ। ସରପଞ୍ଚ/ସମିତିସଭ୍ୟମାନଙ୍କ ହାତପାଣ୍ଠି ବ୍ୟବସ୍ଥା ନ ଥିବାରୁ ସେମାନେ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହେଉଛନ୍ତି। ତେଣୁ ସେମାନଙ୍କ ଲାଗି ଗସ୍ତ ଖର୍ଚ୍ଚ, ପେନସନ ଆଦି ଲାଗୁ କରିବାକୁ ଦାବି ହୋଇଛି। ଏ ଦିଗରେ ସରକାର ଦୃଷ୍ଟି ଦେଲେ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିମାନେ ସଶକ୍ତ ହେବାସହ ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ ହୋଇପାରିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରତିନିଧିମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସ ପାଳନ ଉତ୍ସବରେ ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ନାଏବ ସରପଞ୍ଚ କେଦାର ଦେଓ, ୱାର୍ଡସଭ୍ୟ ସଦାନନ୍ଦ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ରଞ୍ଜିତା ମଲିକ, ଝିଲି ରାଏ, ଅଙ୍ଗନୱାଡି କର୍ମୀ ରଶ୍ମିତା ସାହୁ, ନିରୁପମା କର, ସିଆର୍‌ପି ଉମା ସେଠୀ, ବସୁମତି ସାହୁ ଓ ସୁବାସିନୀ ମଲିକ ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସେ ଜଣେ ଜନନାୟକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ।

ଏକଦିବସୀୟ କ୍ରିକେଟ୍: ଡସସ କ୍ଲବ୍ ଚାମ୍ପିୟନ

ବାଲିଚନ୍ଦ୍ରପୁର,୫।୩(ସ୍ୱ.ପ୍ର.):

ସ୍ଥାନୀୟ ଚାରିନଙ୍ଗଳ ଓ ନଳୀପୁର ଯୁବକଙ୍କୁ ନେଇ ଗଠିତ ଆରୟନ୍ କ୍ରିକେଟ୍ କ୍ଲବ ପକ୍ଷରୁ ନଳୀପୁର ପଞ୍ଚାୟତ ଟ୍ରେନ୍‌ଲାଇନ ନିକଟସ୍ଥ ପଡ଼ିଆରେ ଏକଦିବସୀୟ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସିସି କ୍ରିକେଟ୍ କ୍ଲବ ସଙ୍କପୁରା କେନ୍ଦ୍ରାପଡ଼ା ଚାମ୍ପିୟନ ହୋଇଛି। ୧୦ ଓଭର ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଭାଗନେଇଥିବାବେଳେ ଡିସିସି କ୍ରିକେଟ୍ କ୍ଲବ ସଙ୍କପୁରା କେନ୍ଦ୍ରାପଡ଼ା ଓ ରୟାଲ ଇଲେଭେନ୍ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ସଙ୍କପୁରା କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ଓଭରରେ ୧୧୫ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ରୟାଲ ଇଲେଭେନ୍ ଭୁବନେଶ୍ୱର ଟିମ୍ ସମସ୍ତ ଉଇକେଟ୍ ହରାଇ ୧୦୧ ରନ୍‌ରେ ପରାଜିତ ହୋଇଥିଲା। ଫଳରେ ଡିସିସି କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଥିଲା। ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ରୟାଲ ଇଲେଭେନ୍ ଭୁବନେଶ୍ୱରର ଦୀପୁନି ବିବେଚିତ ହୋଇଥିବାବେଳେ ଡିସିସି କ୍ରିକେଟ୍ କ୍ଲବ ସଙ୍କପୁରାର ଅନିରୁଦ୍ଧ ସ୍ୱାଇଁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।

ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ।

ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସେକ୍ ଅବଦୁଲ୍ ଗନି, ପୂର୍ବତନ ସମିତି ସଭ୍ୟ ସେକ୍ ମୋଇନ ଅହେମଦ୍, ସାମାଜିକ କର୍ମୀ ସେକ୍ ସଲାଉଦ୍ଦିନ୍, ସାମ୍ବାଦିକ ଉତ୍କଳ କେଶରୀ ସାମଲ, ସେକ୍ ଇକ୍‌ବାଲ ହୁସେନ୍, ସେକ୍ ସୁଲତାନ ସଇଫୁଲ୍ଲା ଖାଁ ଓ ଖଗେଶ୍ୱର ବେହେରା ପ୍ରମୁଖ ଯୋଗଦେଇ କ୍ରୀଡ଼ାକୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳକୁ ସେକ୍ ମୁସ୍ତାଉଦ୍ଦିନ୍ ଖାଁ ଟ୍ରଫି ପ୍ରଦାନ କରିଥିବାବେଳେ ଉପବିଜେତା ଦଳକୁ ସେକ୍ ମୋବିନ୍ ଅହେମଦ୍ ଟ୍ରଫି ପ୍ରଦାନ କରିଥିଲେ। ଘୋଷକ ଭାବେ ନିଲୁ ଖାଁ ଓ ସେକ୍ ଆସିଫ୍ ଦାୟିତ୍ୱ ତୁଲାଇଥିବାବେଳେ ସେକ୍ ଇସ୍ରାଇଲ୍ ଓ ସେକ୍ ମୋବିନ୍ ଖେଳ

ସଂକ୍ଷେପରେ

ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ମାର୍ଶାଘାଇ,୫।୩ (ଡି.ଏନ.ଏ.): ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ଯଦୁପୁର ଗଡାଠାରେ ଏକ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଯଦୁପୁର ଗାଁର ବୀରକିଶୋର ସ୍ୱାଇଁ (୬୫)। ସ୍ୱାଇଁ ସକାଳେ ଯଦୁପୁର ହନୁମାନ ଛକକୁ ଜଳଖିଆ ଖାଇବାକୁ ଆସୁଥିବା ବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପୁଅ ସତ୍ୟନାରାୟଣ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୦୭/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଜୁଆ ଆଡ୍ଡା ଉପରେ ଚଢ଼ାଉ, ୨ ଅଭିଯୁକ୍ତ ଗିରଫ

ବାଲିକୁଦା,୫।୩ (ସ୍ୱ.ପ୍ର.): ବାଲିକୁଦା ଥାନାଠାରୁ ୧କି.ମି ଦୂରତା ଭିତରେ ହାଟଗଡ଼ା ଛକ ନିକଟରେ ଦୀର୍ଘଦିନ ହେବ ଜୁଆଖେଳ ଚାଲିଥିଲା। ରବିବାର ଏ ସମ୍ପର୍କରେ ଖବରପାଇ ବାଲିକୁଦା ଆଇଆଇସି ସଲିଳ କୁମାର ପ୍ରଧାନଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ଜ୍ଞାନରଞ୍ଜନ ଦାସଙ୍କ ସହ ଏକ ଟିମ୍ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ । ଏହି ଅଭିଯୋଗରେ ବାଲିସାହି ଗ୍ରାମର ଆଶିଷ ମହାନ୍ତିଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୫ ହଜାର ଟଙ୍କା ସମେତ ଗୋଟିଏ ମୋବାଇଲ ଫୋନ, ମୋଟର ସାଇକେଲ୍ ଓ କାର୍ଡବୋର୍ଡ ପେପର ଚିଟ୍ ଆଦି ଜବତ କରାଯାଇଛି।

ଚିକିତ୍ସାଧୀନ ଅବସ୍ଥାରେ ମାଲିକ ମୃତ

ବାଣ ଗୋଦାମରେ ବିସ୍ଫୋରଣ ଘଟଣା

ବାଲିକୁଦା,୫।୩ (ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଇଚ୍ଛାପୁରସ୍ଥିତ ମାଧୁରୀବଜାରର ଏକ ବାଣ ଗୋଦାମରେ ୨୮ ଫେବୃୟାରୀରେ ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ଗୁରୁତର ହୋଇଥିବା ମାଲିକ ସୁଶାନ୍ତ ପୃଷ୍ଟିଙ୍କ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ବାଣ ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ କାରଖାନର ୨ ଜଣ କାରିଗର୍ ଦିଲୀପ ମହାନ୍ତି ଓ ବୁଲୁ ଦାସଙ୍କ ମୃତ୍ୟୁ ଘଟିଛି । ମାଲିକ ପୃଷ୍ଟି ଓ ଅନ୍ୟ ଜଣେ କାରିଗର ଦୀନବନ୍ଧୁ ଦାସ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ମାଲିକ ପୃଷ୍ଟିଙ୍କ ଶରୀରର ୯୦ ଭାଗ ଜଳି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୀନବନ୍ଧୁଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୫ ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଶେଷରେ ପୁଷ୍ଟିଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷେ ଦୀନବନ୍ଧୁ ଦାସ ଏବେ ସୁସ୍ଥ ଥିବା ସୂଚନା ମିଳିଛି।

ବ୍ଲକସ୍ତରୀୟ ଲୋକସେବା ଦିବସ

ରାଜନଗର, ୫।୩ (ଡି.ଏନ.ଏ.)

ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଲୋକସେବା ଦିବସ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସମୀର କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଲୋକସେବା ଦିବସର ତାତ୍ପର୍ଯ୍ୟ ଓ ଏହାର ସୁବିଧା ସୁଯୋଗ ସାଧାରଣ ଲୋକଙ୍କ ପାଖରେ କେମିତି ପହଞ୍ଚି ପାରିବ ଓ ମିଶନ ଶକ୍ତି ମାଧ୍ୟମରେ ମା'ମାନେ କିଭଳି ଅଧିକ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ୩୨ନଂ. ଜିଲା ପରିଷଦ ସଭ୍ୟା ଖୁକୁମିନା କୁଅଁର, ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

ବିଜୁ ଜୟନ୍ତୀ ପାଇଁ ସମାନ୍ତରାଳ ସଭା

ପାରାଦୀପ/କୁଜଙ୍ଗ, ୫।୩ (ସ୍ୱ.ପ୍ର.)

- ଦଳ, ଟ୍ରଷ୍ଟ ନାଁରେ ପୌରାଧ୍ୟକ୍ଷ, ବିଧାୟକଙ୍କ ଗୋଷ୍ଠୀ ଅଲଗା
- କୁଜଙ୍ଗରେ ପୂର୍ବତନ ଏମ୍‌ପି ବାସଭବନରେ ପାଳିଲେ ଜୟନ୍ତୀ

ପାରାଦୀପ ବନ୍ଦର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ରବିବାର ଅଲଗା ଭାବେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବିଜେଡି ପକ୍ଷରୁ ଏହି ଦିବସ ପାଳନ କରାଯାଇଥିବା ବେଳେ ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏହା କରାଯାଇଛି। ଏନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ପୂର୍ବାହ୍ନରେ ନଗର ବିଜେଡି ସଭାପତିତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ବିଜୁ ମୈଦାନ ସଫେଇ, ପ୍ରଭାତଫେରି ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଅଠରବାଙ୍କସ୍ଥିତ ବିଜୁ ପ୍ରତିମୂର୍ତ୍ତି ସ୍ଥଳରେ ସ୍ମୃତିଚାରଣ ସଭା କରାଯାଇଥିଲା। ଏଥିରେ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ବିଧାୟକ ସମିତ ରାଉତରାୟ, ଶ୍ରମିକନେତା ସନ୍ତୋଷ କୁମାର ପଟ୍ଟନାୟକ, ପୂର୍ବତନ ଏମ୍‌ପି ପ୍ରଭାତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନୂଆବଜାର ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ଅଲଗା ଭାବେ ଏହି ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଟ୍ରଷ୍ଟ ଅଧ୍ୟକ୍ଷ ଦାମୋଦର ରାଉତ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦଳୀୟ ସ୍ତରରେ ହୋଇଥିବାରୁ ସେଥିରେ ବିଧାୟକ ରାଉତରାୟ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମ ବିଧାୟକଙ୍କ ଗୋଷ୍ଠୀ ପକ୍ଷରୁ କରାଯାଇଥିଲା। କିନ୍ତୁ ସେଥିରେ ଟ୍ରଷ୍ଟର ସମ୍ପାଦକ ତଥା ପୌରାଧ୍ୟକ୍ଷ ବିଶ୍ୱାଳ ଯୋଗଦେଇ ନ ଥିଲେ। ସେହିପରି କୁଜଙ୍ଗ ବ୍ଲକରେ ଦଳ ଓ ପୂର୍ବତନ ଏମ୍‌ପିଙ୍କ ପକ୍ଷରୁ ଅଲଗା ଭାବେ ବିଜୁ ଜୟନ୍ତୀ ପାଳନ କରାଯାଇଛି। ଏଠାରେ କୁଜଙ୍ଗ ବ୍ଲକ ବିଜେଡି ପକ୍ଷରୁ ସେବାଦିବସ ପାଳନ କରାଯାଇଛି। ପାରାଦୀପ ନିର୍ବାଚନମଣ୍ଡଳୀ ବିଜୁ ଯୁବ ଜନତା ଦଳର ସଭାପତି ମାନଭଞ୍ଜନ ମଲ୍ଲଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ କରାଯିବା ସହ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଅପରପକ୍ଷେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଅଲଗା ଭାବେ ଅନୁଗତ ଓ କେତେଜଣ ଦଳ କର୍ମୀଙ୍କୁ ନେଇ ନିଜ ବାସଭବନରେ ଏହି ଜୟନ୍ତୀ ପାଳନ କରିଛନ୍ତି।

ଓଡ଼ିଶାର ବିକାଶ ବିଜୁ ବାବୁଙ୍କ ସ୍ୱପ୍ନ ଥିଲା

ବିଜୁବାବୁଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଅଫିସ, ୫।୩

ବିଜୁ ପଟ୍ଟନାୟକଙ୍କ ଜିଲାସ୍ତରୀୟ ଜୟନ୍ତୀ, ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ

ଓଡ଼ିଶାକୁ ଏକ ବିକାଶଶୀଳ ରାଜ୍ୟ ଭାବେ ଗଢି ତୋଳିବା ଥିଲା ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ' ଏନେଇ ସେ ଅହରହ ପ୍ରଚେଷ୍ଟା ଜାରି ରଖିଥିଲେ। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ, ପଞ୍ଚାୟତିରାଜ ଦିବସ ଓ ଲୋକସେବା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଏହା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ରାଜ୍ୟ ପାଇଁ ଥିବା ଅବଦାନ ସମ୍ପର୍କରେ ବଖାଣିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଦିବସ ପାଳନ ଅବସରରେ ତିର୍ତ୍ତୋଲ ବ୍ଲକର ଜଗନ୍ନାଥପୁର ପଞ୍ଚାୟତକୁ ୧ ଲକ୍ଷ, ତିର୍ତ୍ତୋଲକୁ ୩ ଲକ୍ଷ ଓ କୁଜଙ୍ଗ ବ୍ଲକ ବଗଦିଆକୁ ୨ ଲକ୍ଷ ଟଙ୍କା ହିସାବରେ ଜିଲାସ୍ତରୀୟ ବିଜୁ ପଟ୍ଟନାୟକ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କୁଜଙ୍ଗ ବ୍ଲକର ବଗଦିଆକୁ ଦାରିଦ୍ର୍ୟମୁକ୍ତ ଓ ବର୍ଦ୍ଧିତ ଜୀବିକା ମିଶନ ସହ ସାମାଜିକ ସୁରକ୍ଷିତ ପଞ୍ଚାୟତ, ଭୁତମୁଣ୍ଡେଇକୁ ପର୍ଯ୍ୟାପ୍ତ ଜଳ ପଞ୍ଚାୟତ ଓ ଫତେପୁରକୁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବା ପଞ୍ଚାୟତ ଭାବେ ଘୋଷଣା କରାଯାଇଥିଲା।

ଜଗତ୍‌ସିଂହପୁର ବ୍ଲକର କଣ୍ଟିଲୋକୁ ସ୍ୱାସ୍ଥ୍ୟକର, ସିଂହାରପୁରକୁ ଶିଶୁ ବନ୍ଧୁତାପୂର୍ଣ୍ଣ ପଞ୍ଚାୟତ, ବିରିଡ଼ି ବ୍ଲକ ଅଲାଣ୍ଡୋକୁ ପରିସ୍କୃତ ଓ ସବୁଜ, ତିର୍ତ୍ତୋଲ ବ୍ଲକ ବୋଧେଲକୁ ମହିଳା ବନ୍ଧୁତ୍ୱପୂର୍ଣ୍ଣ, ତିର୍ତ୍ତୋଲକୁ ଗୁଡ ଗଭର୍ନାନ୍ସ ପଞ୍ଚାୟତ ଭାବେ ଘୋଷଣା କରାଯାଇ ପ୍ରତି ପଞ୍ଚାୟତକୁ ୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଅନ୍ୟପଟେ ବିଜେଡି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ଏକ ମଣ୍ଡପରେ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ସରକାରୀ ମୁଖ୍ୟ ସଚେତକ ମୁଦୁଲିଙ୍କ ସମେତ ଜିଲା ପରିଷଦ ସଭାପତି ଭୋଇ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲା ବିଜେଡି ଉପସଭାପତି ଦୀପ୍ତିରଞ୍ଜନ ଦାସ, ଜଗତ୍‌ସିଂହପୁର ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଜିଲା ବିଜେଡି କୃଷକ ସେଲ ଅଧ୍ୟକ୍ଷ ପ୍ରକାଶ ବସ୍ତିଆ, ଜଗତ୍‌ସିଂହପୁର ବ୍ଲକ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପ୍ରଭାତୀ ମହାନ୍ତି ଓ ନାଉଗାଁ ବ୍ଲକ ଉପାଧ୍ୟକ୍ଷ ସୁଜିତ କୁମାର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡିର ପୂର୍ବତନ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଜଗତ୍‌ସିଂହପୁର ପୌର ପରିଷଦ ସମ୍ମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ଅଙ୍ଗନୱାଡି କର୍ମୀଙ୍କ ବୈଠକ

ମାର୍ଚ୍ଚ ୧୩ରୁ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ

ଏରସମା,୫।୩ (ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସିହା ଗାଁରେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଏରସମା ବ୍ଲକ ସଭାନେତ୍ରୀ ରୀନା ଗଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସାଙ୍ଗଠନିକ ଦୃଢତା ଉପରେ ଅଲୋଚନା ହୋଇଥିଲା। ଏଥିରେ ଏରସମା ବ୍ଲକ ସଂଘର ସମ୍ପାଦିକା ନିର୍ଝରବାଳା ସାହୁ ଯୋଗଦେଇ କହିଥିଲେ, ୨୦୨୨ ଡିସେମ୍ବର ୯ରେ ସଂଘ ପକ୍ଷରୁ ଅଙ୍ଗନୱାଡି କର୍ମୀଙ୍କ ଭତ୍ତା ବୃଦ୍ଧି ପାଇଁ ରାଜଧାନୀରେ ଶୋଭାଯାତ୍ରା କରାଯିବା ସହ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ୨ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ସରକାରଙ୍କ ପକ୍ଷରୁ ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଦାବି ପୂରଣ ହୋଇନାହିଁ। ଏହାର ପ୍ରତିବାଦରେ ସଂଘ ପକ୍ଷରୁ ମାର୍ଚ୍ଚ ୧୩ରୁ ଅନିର୍ଦ୍ଧିଷ୍ଟକାଳ ପାଇଁ ଆନ୍ଦୋଳନ କରଯିବା ପାଇଁ ଘୋଷଣା କରାଯାଇଛି। ବୈଠକରେ କବିତା ଦାସ, ଉତ୍ତରା ବିଶ୍ୱାଳ, ସାରଥୀ କାଣ୍ଡି, ସଂଘମିତ୍ରା ସାମଲ, ସୁଦେଷ୍ଣା ସ୍ୱାଇଁ, ମମତା ରାଉତ ପ୍ରମୁଖ ଯୋଗ ଦେଇଥିଲେ।

ସର୍ବଭାରତୀୟ ଶ୍ରମିକନେତା ଘନଶ୍ୟାମଙ୍କ ପାରାଦୀପ ଗସ୍ତ

ପାରାଦୀପ,୫।୩ (ସ୍ୱ.ପ୍ର.)

ସର୍ବଭାରତୀୟ ଶ୍ରମିକ ନେତା ଘନଶ୍ୟାମ ଜେନା ରବିବାର ୩ ଦିନିଆ ପାରାଦୀପ ଗସ୍ତରେ ଆସିଛନ୍ତି। ତାଙ୍କୁ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଦୋଛକିରୁ ୧୪ କିମି ଶୋଭାଯାତ୍ରାରେ ବଡ଼ପଡିଆ ଡକ୍ ମଜଦୁର ୟୁନିୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଏହି ୩ ଦିନରେ ଜେନା କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ, ପାରାଦୀପ ବନ୍ଦର, ଇଫ୍‌କୋ, ଟେଲିବିଶୋଧନାଗାର, ପିପିଏଲ୍, ଏଏମ୍‌ଏନ୍‌ଏସ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ୟୁନିୟନ ସମ୍ପାଦକ ସନାତନ ବେହେରା କହିଛନ୍ତି।

ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,୫।୩ (ସ୍ୱ.ପ୍ର.)

ବାଲିକୁଦା ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଥାନା ଅନ୍ତର୍ଗତ କଣିଆ ଗାଁର ମନୋଜ କୁମାର ଜେନା। ମନୋଜଙ୍କ ନାମରେ ଜଗତ୍‌ସିଂହପୁର ଥାନାରେ ନଂ. ୧୧୧/୧୯ରେ ମାମଲା ରହିଛି। କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ସେ ହାଜିର ହୋଇ ନ ଥିଲେ। ଏ ନେଇ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଥିଲା।

ଜାଗୁଲାଇ କ୍ରିକେଟ ଟିମ୍ ଯାଜପୁର ଚାମ୍ପିୟନ

ଚାମ୍ପିୟନ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ରାଜନଗର, ୫।୩ (ଡି.ଏନ.ଏ.)

ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ ଟୁର୍ନାମେଣ୍ଟ

ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବାଲାବାବା କ୍ରିକେଟ ଟିମ୍ କେନ୍ଦ୍ରାପଡ଼ା, ଜାଗୁଲାଇ କ୍ରିକେଟ ଟିମ୍ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାଲାବାବା କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନନ୍ଦନ ସର୍ବାଧିକ ୫୨ ରନ୍ କରିଥିଲେ। ଜାଗୁଲାଇ କ୍ରିକେଟ ଟିମ୍‌ର ସତ୍ୟାନନ୍ଦା ୪ ଓଭର ବୋଲିଂ କରି ୧୫ ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଜାଗୁଲାଇ କ୍ରିକେଟ ଟିମ୍ ଯାଜପୁର ୧୬ ଓଭରରେ ୨ଟି ଉଇକେଟ ହରାଇ ୧୩୭ରନ୍ କରି ଚାମ୍ପିୟନ ହୋଇଥିଲା। ଦଳ ପକ୍ଷରୁ ସତ୍ୟାନନ୍ଦ ୩୫ ବଲରୁ ୬ ଛକା ଓ ୫ଟି ଚୌକା ସହାୟତାରେ ୬୦ ରନ୍ କରିଥିଲେ। ବାଲାବାବା କ୍ରିକେଟ ଟିମ୍‌ର ସୁଧାଂଶୁ ପତି ୨ ଉଇକେଟ ହାସଲ କରିଥିଲେ। ଜାଗୁଲାଇ କ୍ରିକେଟ ଟିମ୍‌ର ସତ୍ୟାନନ୍ଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ଗାଳ୍ପିକ ପ୍ରଦୀପ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଖବରଦାତା ଭାସ୍କର ରାଉତରାୟ, ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା, କୈଳାସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ମ୍ୟାନେଜର ସଚ୍ଚିଦାନନ୍ଦ ପାତ୍ର, ସମ୍ପାଦକ ଗୁରୁଚରଣ ବରାଳ, ଅମ୍ପେୟାର ତନୁଜ କୁମାର ସାହୁ, ଅଞ୍ଜନ ବେହେରା, ମନ୍ମଥ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

ଫଗୁଣର ଫଗୁ, ଭାଇଚାରାର ନିଦର୍ଶନ

କେନ୍ଦ୍ରାପଡା ଅଫିସ, ୫।୩

ରଥଦାଣ୍ଡରେ ଅନୁଷ୍ଠିତ ସଭାରେ ଅତିଥି ଓ ଅନ୍ୟମାନେ।

ଗୋକୁଳଚନ୍ଦ୍ର ସଙ୍ଗୀତ ସଦନର ଦୋଳ ମହୋତ୍ସବ

ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ରବିବାର ପୂର୍ବାହ୍ନରେ ଦୋଳ ମହୋତ୍ସବ ଉପଲକ୍ଷେ ଏକ ସାଂସ୍କୃତିକ ଶୋଭାଯାତ୍ରା ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ରଥଦାଣ୍ଡରେ ସଙ୍ଗୀତ ନିର୍ଦ୍ଦେଶକ ତଥା ଗୁରୁ ଉମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବୃନ୍ଦାବନବାସୀ ସଚ୍ଚ ନରହରି ଦାସବ୍ରହ୍ମଚାରୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଇଂ. ମୁରଲୀଧର ସେଠୀ ଓ ସମ

ଔଦ୍ୟୋଗିକ ପ୍ରଦର୍ଶନୀ ଉଦ୍‌ଘାଟିତ

ନୟାଗଡ଼ ଅଫିସ: ନୟାଗଡ଼ ପୁରୁଣା ସହରର ମା' ଦକ୍ଷିଣକାଳୀ ପଡ଼ିଆରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମ୍ବନ୍ଧୀୟ ପ୍ରଦର୍ଶନୀ ରବିବାର ନୟାଗଡ଼ ବିଧାୟକ ଅରୁଣ ସାହୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିରୁପମା ଖଟେଇ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ପ୍ରଣବ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ନୟାଗଡ଼ ବିଧାୟକ ସାହୁ କହିଥିଲେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ସବୁ ବିଭାଗକୁ ପ୍ରାଧାନ୍ୟ ଦେଉଛନ୍ତି। ରାଜ୍ୟରେ ଏଣୁ ବିକାଶ ଚାଲିଛି। ମେଳା ମହୋତ୍ସବ ପ୍ରଗତିର ଲକ୍ଷଣ ବୋଲି ସେ କହିଥିଲେ।

ସଂକ୍ଷେପରେ

ଟ୍ରାଫିକ୍ ନିୟନ୍ତ୍ରଣରେ ପୋଲିସ ବିଫଳ

ନୟାଗଡ଼ ଅଫିସ,୫।୩: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ନୟାଗଡ଼ ଦୁର୍ଗାମଣ୍ଡପରେ ନୟାଗଡ଼ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ଜୟନ୍ତୀ ପାଳନ ହେଉଥିଲା। ଏ ଅବସରରେ ପୋଲିସ ୫୭ ନଂ. ଜାତୀୟ ରାଜପଥରେ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ଯାନବାହନ ଛାଡି ନ ଥିଲା। ଏଣୁ ନୟାଗଡ଼ ଷ୍ଟେଟ ବ୍ୟାଙ୍କ ଛକ ଦେଇ ଯାନବାହାନ ଯିବା ଆସିବା କରିବାରୁ ସନ୍ଧ୍ୟା ୬ଟାରୁ ପ୍ରାୟ ୧ ଘଣ୍ଟା ଧରି ଓଡ଼ଗାଁ ଛକ ରାସ୍ତାରେ ଟ୍ରାଫିକ ଜାମ ହୋଇଗଲା। ରାସ୍ତାରେ ଚାଲି କରି ଯିବା କାଠିକର ପାଠ ହୋଇ ପଡିଥିଲା। ଟ୍ରାଫିକ ଜାମ ପାଇଁ ଗାଡ଼ି ଚାଳକ ପୋଲିସକୁ ଦାୟୀ କରିବା ପରେ କେତେଜଣ ପୋଲିସ ବିଧାୟକଙ୍କୁ ପଚାର ବୋଲି କ୍ଷୋଭର ସହ କହିଥିଲେ।

ଆଦର୍ଶ ବିଦ୍ୟାଳୟ ପାଇଁ ୪ ସେଣ୍ଟରରେ ପ୍ରବେଶିକା ପରୀକ୍ଷା

ଖଣ୍ଡପଡ଼ା,୫।୩(ସ୍ୱ.ପ୍ର.): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ କୋଟିର ଶିକ୍ଷା ଦେବାକୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା ବ୍ଲକ ଅଧୀନ ୪ଟି କେନ୍ଦ୍ରରେ ରବିବାର ୬ ଶହ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ଖଣ୍ଡପଡ଼ା ଓଡ଼ିଶା ଆଦର୍ଶ ବିଦ୍ୟାଳୟ କେନ୍ଦ୍ରରେ ୧୯୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୫ଜଣ ଅନୁପସ୍ଥିତ ଥିଲେ। ଖଣ୍ଡପଡ଼ା ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୧୧ ଜଣ ପରୀକ୍ଷା ଦେଇଥିବା ବେଳେ ୪ଜଣ ଅନୁପସ୍ଥିତ ରହିଥିଲେ। ସେହିପରି କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠରେ ୪ଜଣ ଅନୁପସ୍ଥିତ ଥିବା ବେଳେ ୧୪୬ ଜଣ ପରୀକ୍ଷା ଦେଇଥିଲେ। ବନମାଳୀପୁର ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିବା ଖଣ୍ଡପଡ଼ା ବ୍ଲକ ଭାରପ୍ରାପ୍ତ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ ସୂଚନା ଦେଇଛନ୍ତି।

ଗୁମୀ ଧାନମଣ୍ଡିରେ ଯୋଗାଣ ବିଭାଗର ଚଢ଼ାଉ

ନୂଆଗାଁ, ୫।୩ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ଧାନ ମଣ୍ଡିରେ ଶନିବାର ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଧାନ ମଣ୍ଡିରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ମଣ୍ଡିଗୁଡ଼ିକରେ ପ୍ୟାକ୍ସ ସମ୍ପାଦକ, ସଭାପତି ହାତ କରି ଚାଷୀଙ୍କ ନାମରେ ବେପାରୀଙ୍କୁ ଧାନ ଦେବା ଫଳରେ ଚାଷୀମାନେ ହଇରାଣ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ ମଧ୍ୟ ଜାରି ରହିଛି। ଗୁମୀ ମଣ୍ଡିରେ ଅନିୟମିତତା ଜାଣିପାରି ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରାୟ,

ଯୋଗାଣ ବିଭାଗ ପକ୍ଷରୁ ଗୁମୀ ମଣ୍ଡିରେ ତଦନ୍ତ ଚାଲିଛି।

ନୂଆଗାଁ ଯୋଗାଣ ନିରୀକ୍ଷକଙ୍କ ସହ ଅନ୍ୟ କେତେଜଣ ଅଧିକାରୀ ପ୍ୟାକ୍ସରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରଥମେ ଦେଖିବାରେ ମଣ୍ଡିରେ କମ ଧାନ ଥିବାବେଳେ ସନ୍ଧ୍ୟା ସମୟରେ ପୁନର୍ବାର ମଣ୍ଡିକୁ ଅଧିକାରୀମାନେ ଯିବାରେ ମଣ୍ଡିରେ ଅନେକ ଧାନ ବସ୍ତା ଗଦା ହୋଇଥିବା ଦେଖି ଅଧିକାରୀମାନଙ୍କ ମନରେ ସନ୍ଦେହ ହୋଇଥିଲା। କାଗଜପତ୍ର ଯାଞ୍ଚ କରିବାରେ ମିଲର ରାତି ୧୧ ଟା ପରେ ଧାନ ନେଉଥିବା ପାସରେ ଲେଖାଯାଇଛି। ମିଲର ଧାନ ଉଠାଉଥିବା କାଗଜ ପତ୍ରରେ ମିଲର ଦସ୍ତଖତର ତାଳମେଳ ନାହିଁ। ଫଳରେ ପ୍ୟାକ୍ସ ସମ୍ପାଦକ ଜାଲିଆତି କରିଥିବା ଜଣାପଡଥିଲା। ତଦନ୍ତ ସମ୍ପର୍କରେ ନୂଆଗାଁ ଯୋଗାଣ ନିରୀକ୍ଷକ ଶ୍ରୀବିହର୍ଷଙ୍କୁ ପଚାରିବାରେ ଆମର ସନ୍ଦେହ ହେବାରୁ ଜିଲା ଅଧିକାରୀଙ୍କ ସହ ଚଢାଉ କରିଥିଲୁ। ଏପରି କି ଚାଷୀମାନଙ୍କୁ ଭେଟି ଘଟଣା ବାବଦରେ ପଚାରି ବୁଝିଥିଲୁ। ଗୁମୀ ମଣ୍ଡିରେ ବହୁତ ଅନିୟମିତତା ଥିବା ଜଣାପଡିଛି। ଆମେ ତଦନ୍ତ କରି ରିପୋର୍ଟ ଦେଇଛୁ ବୋଲି ସେ କହିଛନ୍ତି।

ଶାନ୍ତି ପ୍ରତିଷ୍ଠା ହେଲେ ପ୍ରଗତି ହେବ

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ନୟାଗଡ଼ ଅଫିସ,୫।୩

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ନୟାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ସହର ଦୁର୍ଗାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ଗାଁ ବ୍ଲକ ବିଜେଡି ସଭାପତି ନିତ୍ୟାନନ୍ଦ ପ୍ରଧାନ ଶାନ୍ତି, ପ୍ରଗତୀ ଓ ଉନ୍ନତୀ ପାଇଁ ବିଜେଡିର ପ୍ରୟାସ ସମ୍ବନ୍ଧୀୟ ବକ୍ତବ୍ୟ ଦେଇଥିଲେ। ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ବିଜୁ ବାବୁଙ୍କ ସାହାସ ଓ ଖାତି ଉପରେ ବକ୍ତବ୍ୟ ରଖିଥିଲେ। ନୟାଗଡ଼ ବିଧାୟକ ସାହୁ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ପ୍ରଣୟନ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ

ବିଜୁବାବୁଙ୍କ ଜୟନ୍ତୀ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ବିଜୁବାବୁ ଯାହା ଆରମ୍ଭ କରିଥିଲେ, ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ତାହାକୁ ସଫଳ କରିଛନ୍ତି। ଆଜି ମହିଳା ସଶକ୍ତିକରଣ ପାଇଁ ନିଆଯାଉଥିବା ପଦକ୍ଷେପ ମିଶନ ଶକ୍ତି ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ଶାନ୍ତି ପ୍ରତିଷ୍ଠା ହେଲେ ପ୍ରଗତୀ ଅଧିକରୁ ଅଧିକ ହେବ ବୋଲି କହିଥିଲେ। ଓଡ଼ିଶା ଦିନେ ଭୋକର ଭୂଗୋଳ ଥିବା ବେଳେ ଆଜି ବଳକା ରାଜ୍ୟରେ ପରିଣତ ହୋଇଛି। ରାଜ୍ୟ ଚାଉଳ, କ୍ଷୀର ଉତ୍ପାଦନରେ ଆଗରେ ରହିଥିବା ବେଳେ ବିଜୁବାବୁଙ୍କ ସ୍ୱପ୍ନ ପୂରଣ ହୋଇଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ମହିଳା ବିଜେଡି ଜିଲା ସଭାନେତ୍ରୀ ବିରଜାଲକ୍ଷ୍ମୀ ସାହୁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର, ସରୋଜ ରଣସିଂହ, ଆଶିଷ କୁମାର ଅଗ୍ରୱାଲ, ସୁବାସ ଚନ୍ଦ୍ର କହଁର, ସରପଞ୍ଚ ବିଜନ ପାଇକରାୟ, ବିଜେଡି ଛାତ୍ର ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଆକ୍ରମଣ, କଙ୍ଗାରୁ କୋର୍ଟରେ ଦଣ୍ଡ ପରେ ପଦକ୍ଷେପ ନାହିଁ

ନୟାଗଡ଼ ଅଫିସ,୫।୩

ରଣପୁର ଥାନା ନାଟିମ ଗାଁର ଶୈବ ପୂଜକଙ୍କୁ ଆକ୍ରମଣ ଓ କଙ୍ଗାରୁ କୋର୍ଟ କରି ବାସନ୍ଦ କରାଯାଇଥିଲେ ମଧ୍ୟ ନ୍ୟାୟ ମିଳୁ ନ ଥିବାରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ। ଶୈବ ପୂଜକମାନଙ୍କ ଅଭିଯୋଗ ଅନୁସାରେ, ବିନା କାରଣରେ ଫେବୃୟାରୀ ୧୮ରେ ପୂଜକମାନଙ୍କୁ ଆକ୍ରମଣ କରାଯାଇଥିଲା। ପୂଜକ ପିନ୍ଧିଥିବା ଶଙ୍କରାଚାର୍ଯ୍ୟଙ୍କ ପ୍ରତିଛବି ଥିବା ସାର୍ଟକୁ ପରେ ଚିରି ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଗାଁରେ କଙ୍ଗାରୁ କୋର୍ଟ କରି ଦୋଷୀ ସାବ୍ୟସ୍ତ କରାଇ ବାସନ୍ଦ କରାଇଥିଲେ। ଶୈବ ପୂଜକମାନେ ଏ ସମ୍ପର୍କରେ ରଣପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ଅଣଦେଖା କରିଥିଲା। ପରେ ସେମାନଙ୍କ ନାଁରେ ମାମଲା କରାଯିବ ବୋଲି କୁହଯାଇଥିଲା। ସେବାୟତଙ୍କୁ ସୁରକ୍ଷା, ମାମଲା ରୁଜୁ କରି ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ପୂଜକମାନେ ସୋମବାର ବିକ୍ଷୋଭ କରିବେ ବୋଲି ରାଜ୍ୟ ଶୈବ ପୂଜକ ସଂଘର ସଭାପତି ଲଳିତ ମହାପାତ୍ର କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com

@ ଆକାଶ



@ ଅର୍ଚ୍ଚିତା

@ ଚିରଞ୍ଜୀବୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଭଣ୍ଡାର ପାହାଡ଼ ୩ ଦିନ ହେଲା ଜଳୁଛି

ନୟାଗଡ଼ ଅଫିସ ୫।୩: ନୟାଗଡ଼ ପଞ୍ଚରିଡା ରେଞ୍ଜର ଶରଣକୁଳ ଭଣ୍ଡାର ପାହାଡ଼ର ବିଭିନ୍ନ ସ୍ଥାନରେ ୩ ଦିନ ହେଲା ନିଆଁ ଲାଗି ଜଙ୍ଗଲ ଜଳିଯାଉଛି। ଏଥିରେ ଥିବା ମୂଲ୍ୟବାନ ଗଛଲତା ସହ ଔଷଧୀୟ ଗୁଳ୍ମ ପୋଡି ନଷ୍ଟ ହୋଇଯାଇଛି। ଜଙ୍ଗଲ ଜଳିବା ଦ୍ୱାରା ବନ୍ୟଜନ୍ତୁ ନିଆଁ ପ୍ରକୋପରୁ ରକ୍ଷା ପାଇବା ପାଇଁ ଗାଁ ମୁହାଁ

ଗାଁମୁହାଁ ବନ୍ୟପ୍ରାଣୀ

ହୋଇଛନ୍ତି। ଶରଣକୁଳ ଆଖପାଖ ଗାଁରେ ପ୍ରାୟ ୨୦ ବାରହା ବୁଲୁଛନ୍ତ। ରେଞ୍ଜ ଅଫିସଠାରୁ ମାତ୍ର ୩ ଶହ ମିଟରରେ ଏହି ନିଆଁ ଲାଗିଥିବା ବେଳେ ବନ ବିଭାଗ ପକ୍ଷରୁ ଏହାକୁ ଆୟତ୍ତ କରିବାକୁ କୌଣସି ପଦକ୍ଷେପ ନିଆଯାଉନାହିଁ।

ରାସ୍ତା କାମ ଫଳକରେ ସୀମିତ: ଆନ୍ଦୋଳନ ଚେତାବନୀ

ନୟାଗଡ଼ ଅଫିସ,୫।୩

ନୟାଗଡ଼ ଜିଲା ଦେଇ ଯାଇଥିବା ୨୧ ନଂ. ରାଜ୍ୟ ରାଜପଥର ନୟାଗଡ଼ ଲେମ୍ବୁ ବିକ୍ରି ଛକଠାରୁ ଲେଙ୍କୁଡ଼ିପଡ଼ା ଛକ ପର୍ଯ୍ୟନ୍ତ ରାସ୍ତାରେ ଖଲଖମା ଯୋଗୁ ଦୁର୍ଘଟଣା ବଢୁଛି। ତେବେ ରାସ୍ତାର ପୁନରୁଧାର ନାଁରେ ଫଳକ ରାସ୍ତାକଡ଼ରେ ଝୁଲି ଅଯଥା ରାଜନୀତି କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଏଣୁ ଫଳକରେ ରାସ୍ତା କାର୍ଯ୍ୟକୁ ସୀମିତ ନ ରଖି କାମ ତୁରନ୍ତ କରିବାକୁ କଂଗ୍ରେସ ପରାମର୍ଶ ଦେଇଛି। ନଚେତ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ମରଣଯନ୍ତା ପାଲଟିଥିବା ନୟାଗଡ଼ ସହରରୁ ଆରମ୍ଭ

ଜନଗହଳି ରାସ୍ତାର ମରାମତି ନାଁରେ ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ ମାଲେମାଲ ହୋଇ ଚାଲିଛନ୍ତି। ୨ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ପାଇଁ ନୟାଗଡ଼ ବିଧାୟକ କିଛିଦିନ ପୂର୍ବେ ସ୍ଥାନୀୟ ତ୍ରିନାଥ ଛକରେ ଭିତ୍ତିପ୍ରସ୍ତର ସ୍ଥାପନା କରି ଫଳକ ମାରିଛନ୍ତି। ମାତ୍ର ଠିକାଦାର ଏଯାବତ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାରଣ ଦର୍ଶାଅ ନୋଟିସ ଜାରି ମଧ୍ୟ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଏହି ଅଢେଇ କିଲୋମିଟର ଜନଗହଳି ପୂର୍ଣ୍ଣ ରାସ୍ତାରେ ଦିନତମାମ ମାତ୍ରାଧିକ ଧୂଳି ଉଡ଼ି ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଯଦି ରାସ୍ତା କାର୍ଯ୍ୟ ସପ୍ତାହ ମଧ୍ୟରେ ଆରମ୍ଭ କରା ନ ଯାଏ ତେବେ ଭୁବନେଶ୍ୱରସ୍ଥିତ ପୂର୍ତ୍ତ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ବିକ୍ଷୋଭ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଓଡ଼ିଆ ପରମ୍ପରାରେ ଶ୍ରୀଜୀଉଙ୍କ ଦୋଳ ପରିକ୍ରମା

ଖଣ୍ଡପଡ଼ା,୫।୩(ସ୍ୱ.ପ୍ର.)

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଜୀଉ ରବିବାର ଲକ୍ଷ୍ମୀ, ସରସ୍ୱତୀଙ୍କୁ ସାଙ୍ଗରେ ଧରି ଗ୍ରାମକୁ ଦୋଳ ପରିକ୍ରମା କରି ଚାଚେରୀ ଭୋଗ ଖାଇ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପୁରୀ ଶ୍ରୀମନ୍ଦିର ପରି ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଜୀଉଙ୍କ ମଧ୍ୟ ଫଗୁ ଦଶମୀଠାରୁ ଶ୍ରୀଜୀଉଙ୍କ ପବିତ୍ର ଦୋଳଯାତ୍ରା ୩ ଦିନ ପର୍ଯ୍ୟନ୍ତ ପାରମ୍ପରିକ ରୀତିରେ ପାଳିତ ହୋଇଛି। ଏହି ଅବସରରେ ଶ୍ରୀଜୀଉମାନେ ପ୍ରତ୍ୟେହ ସନ୍ଧ୍ୟାରେ ଦୟଣା ଚୋରି ବଗିଚାକୁ ଦୋଳ ପୂଜା ପାଇଁ ବିଜେ ହୋଇଥାନ୍ତି। ସନ୍ଧ୍ୟାରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଜୀଉ ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ସନ୍ଧ୍ୟା ଆଳତୀ ପରେ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ଦୟଣାଚୋରି ବଗିଚାକୁ ଯାଇ ଦୋଳ ନୀତି ସମ୍ପନ୍ନ ପରେ ରାତି ପ୍ରାୟ ୧୦ଟାରେ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମସ୍ଥିତ ଶ୍ରୀରଘୁନାଥଜୀଉ, ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ନିକଟରେ ଚାଚେରି ଭୋଗ ଖାଇଥିଲେ। ପ୍ରତ୍ୟାବର୍ତ୍ତନ ସମୟରେ ଗୃହସ୍ଥମାନେ ନିଜ ନିଜ ଦୁଆରେ ଦୀପ, ଧୂପ ରଖି ଠାକୁରଙ୍କୁ ଚଣା, ଖଜା ଭୋଗ ଲଗାଇ ଥିଲେ।

ଜିଲାସ୍ତରୀୟ ଲୋକସେବା ଦିବସ: ୯ ପଞ୍ଚାୟତ ପୁରସ୍କୃତ

ନୟାଗଡ଼ ଅଫିସ,୫।୩

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରବିବାର ଜିଲାସ୍ତରୀୟ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ ଅତିଥି ରୂପେ ଯୋଗଦେଇଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳା ସଶକ୍ତୀକରଣ, ରାଜନୈତିକ ଓ ସାମାଜିକ ସ୍ତରରେ ବିଜୁବାବୁଙ୍କ ବଳିଷ୍ଠ ପଦକ୍ଷେପ କିପରି ଓଡ଼ିଶାକୁ ଆଗକୁ ନେବାରେ ସହାୟକ ହୋଇଛି ସେ ନେଇ ଟିପ୍ପଣି ଦେଇଥିଲେ। ନୟାଗଡ଼ ବିଡିଓ ପଦ୍ମ ଚରଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ୍ ପବିତ୍ର କୁମାର ସୁବୁଦ୍ଧି ଯୋଗଦେଇ ଜନପ୍ରତିନିଧିମାନେ ସାମାଜିକ କ୍ଷେତ୍ରରେ କାମ କଲେ ବିଜୁବାବୁଙ୍କ ସ୍ୱପ୍ନ ପୂରଣ ହେବ ବୋଲି କହିଥିଲେ। ଏହି ଅବସରରେ ଜିଲାର ୯ଟି ପଞ୍ଚାୟତକୁ ପୁରସ୍କୃତ କରାଯାଇଛି। ସୁସ୍ଥ ପଞ୍ଚାୟତ ଭାବେ ଓଡ଼ଗାଁ ବ୍ଲକର କୁରାଳ ଓ ଦାରିଦ୍ର୍ୟ ମୁକ୍ତ ପଞ୍ଚାୟତ ଭାବେ ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ପୁରସ୍କାର ପାଇଛି। ସେହିଭଳି ଶିଶୁ ଅନୁକୂଳ ପଞ୍ଚାୟତ ଭାବେ ନୟାଗଡ ବ୍ଲକର ନାଟୁଗାଁ, ସ୍ୱଚ୍ଛ ଓ ସବୁଜ ପଞ୍ଚାୟତ ଭାବେ ଓଡଗାଁ ବ୍ଲକର ଗୋଡିସାହି ପୁରସ୍କାର ହାତେଇଛି। ପ୍ରଜ୍ୟାପ୍ତ ଜଳ ଉପଲବ୍ଧ ପଞ୍ଚାୟତ ଭାବେ ଓଡ଼ଗାଁ ବ୍ଲକର ଶରଣକୁଳ, ଭିତ୍ତିଭୂମି କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ପାଇଁ କୁରାଳ ପଞ୍ଚାୟତ ଅନୁରୂପ ଭାବେ ପୁରସ୍କାର ପାଇଛି। ସୁଶାସନ ପଞ୍ଚାୟତ ଭାବେ ଗୋଡିସାହି, ମହିଳା ଅନୁକୂଳ ପଞ୍ଚାୟତ ଭାବେ ନୟାଗଡ଼ ବ୍ଲକର ବାଲୁଗାଁ, ସାମାଜିକ ସୁରକ୍ଷିତ ପଞ୍ଚାୟତ ଭାବେ ଖଣ୍ଡପଡ଼ା ବ୍ଲକର ଶିଖରପୁର ପୁରସ୍କାର ନେଇଛନ୍ତି। ସେହିଭଳି ନୟାଗଡ଼ ବ୍ଲକ ବିରୁଡା ପଞ୍ଚାୟତର ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତି ସଭ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୬/୨୦୨୩ Bhubaneswar, Monday, March 6/ 2023

ମହିଳା ପ୍ରିମିୟର ଲିଗ୍‌ରେ ରବିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୫ ଉଇକେଟ ହାସଲକାରୀ ଦିଲ୍ଲୀ କ୍ୟାପିଟାଲ୍ସର ଟାରା ନୋରିସ ।

ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ

ମହିଳା ପ୍ରିମିୟର ଲିଗ୍

ମୁମ୍ବାଇ, ୫।୩

ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୬୦ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି। ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨ ଉଇକେଟ ହରାଇ ୨୨୩ ରନ କରିଥିଲା। ଆରସିବି ପୂରା ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। କ୍ୟାପିଟାଲ୍ସ ଟିମ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆମେରିକାର ଟାରା ନୋରିସ ୫ ଉଇକେଟ ସଫଳତା ପାଇଥିବାରୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟାରାଙ୍କ ଘାତକ ବୋଲିଂ

ସ୍ମୃତି ମନ୍ଧାନାଙ୍କ ନେତୃତ୍ୱାଧୀନ ଆରସିବି ବିଜୟ ପାଇଁ ବଡ଼ ସ୍କୋର ଆବଶ୍ୟକ କରୁଥିବାବେଳେ ପ୍ରତିବନ୍ଧକ ସାଜିଥିଲେ ଟାରା ନୋରିସ। ସେ ଏଲିସ ପେରୀ, ଦିଶା କସତ, ରିଚା ଘୋଷ, ହିଥର ନାଇଟ ଓ କନିକା ଆହୁଜାଙ୍କୁ ଆଉଟ କରି ଆରସିବିର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଏଥିସହ ଡବ୍ଲ୍ୟୁପିଏଲ୍‌ରେ ପ୍ରଥମ ୫ ଉଇକେଟ ନେବାର ଗୌରବ ଅର୍ଜନ କରିଥିଲେ ଟାରା।

ଲାନିଂ-ଶେଫାଳିଙ୍କ ଶତକୀୟ ଭାଗୀଦାରି

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଓପନିଂ ଯୋଡ଼ିରେ ମାତ୍ର ୮୭ ବଲ୍‌ରୁ ୧୬୨ ରନର ଭାଗୀଦାରି ଗଢ଼ିଥିଲେ ମେଗ୍ ଲାନିଂ ଓ ଶେଫାଳି ବର୍ମା। ଲାନିଂ ୪୩ ବଲ୍‌ରୁ ୭୨ (୧୪ ଚୌକା) ଓ ଶେଫାଳି ୪୫ ବଲ୍‌ରୁ ସର୍ବାଧିକ ୮୪ (୧୦ ଚୌକା, ୪ ଛକା) ରନ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। **ସଂକ୍ଷିପ୍ତ ସ୍କୋର:** ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୨୩/୨ (ଶେଫାଳି ବର୍ମା-୮୪, ମେଗ୍ ଲାନିଂ-୭୨, ମାରିଜାନେ କାପ୍-୩୯*, ଜେମିମା ରୋଡ୍ରିଗ୍ସେଜ-୨୨*, ହିଥର ନାଇଟ-୨/୪୦)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୩/୮ (ସ୍ମୃତି ମନ୍ଧାନା-୩୫, ହିଥର ନାଇଟ-୩୪, ଏଲିସ ପେରୀ-୩୧, ମେଗାନ ସ୍କୁଟ-୩୦*, ଟାରା ନୋରିସ-୫/୨୯, ଆଲିସେ କାପ୍‌ସେ-୨/୧୦, ଶିଖା ପାଣ୍ଡେ-୧/୩୫)।

ଗୁଜରାଟ ଜାଏଣ୍ଟସ୍‌ର ଦ୍ୱିତୀୟ ପରାଜୟ

ମୁମ୍ବାଇ,୫।୩: ମହିଳା ପ୍ରିମିୟର ଲିଗ୍‌ରେ ଗୁଜରାଟ ଜାଏଣ୍ଟସ୍ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ମୁମ୍ବାଇ ଇଣ୍ଡିଆନ୍ସଠାରୁ ନିଜର ପ୍ରଥମ ମ୍ୟାଚରେ ହାରି ଯାଇଥିବା ଜାଏଣ୍ଟସ୍ ରବିବାର ୟୁପି ୱାରିୟର୍ଜ ନିକଟରୁ ୩ ଉଇକେଟରେ ପରାଜିତ ହୋଇଛି। ୟୁପି ଏକଦା ୧୦୫ ରନରେ ୭ମ ଉଇକେଟ ହରାଇଥିବାବେଳେ ଗ୍ରେସ ହାରିସ (୨୬ ବଲ, ୫୯ ରନ, ୭ ଚୌକା, ୩ ଛକା) ଓ ସୋଫି ଏକଲେଷ୍ଟୋନ (୧୨ ବଲ, ୨୨ ରନ, ୧ ଚୌକା, ୧ ଛକା) ଅସମାପ୍ତ ୮ମ ଉଇକେଟରେ ୨୬ ବଲ୍‌ରୁ ୭୦ ରନ ଯୋଗକରି ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଗୁଜରାଟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆୟର୍ଲାଣ୍ଡର କିମ୍ ଗାର୍ଥ ୫ ଉଇକେଟ ସଫଳତା ପାଇଥିଲେ। ସଂକ୍ଷିପ୍ତ ସ୍କୋର: ଗୁଜରାଟ ଜାଏଣ୍ଟସ୍ ୨୦ ଓଭରରେ ୧୬୯/୪ (ହର୍ଲିନ ଦେଓଲ-୪୬, ଆଶ୍‌ଲେ ଗାର୍ଡନର- ୨୫, ସାବିନେନି ମେଘନା-୨୪, ଦୟଲାନ ହେମଲତା-୨୧*, ଦୀପ୍ତି ଶର୍ମା-୨/୨୭, ସୋଫି ଏକଲେଷ୍ଟୋନ-୨/୨୫, ଅଞ୍ଜଳି ସାର୍ଭାନି-୧/୪୩, ତହଲିଆ ମ୍ୟାକଗ୍ରା-୧/୧୮)। ୟୁପି ୱାରିୟର୍ଜ ୧୫.୫ ଓଭରରେ ୧୭୫/୭ (ଗ୍ରେସ ହାରିସ-୫୯*, କରନ ନାଭଗିରେ-୫୩, ସୋଫି ଏକଲେଷ୍ଟୋନ-୨୨*, କିମ୍ ଗାର୍ଥ-୫/୩୬)।

ଇରାନୀ କପ୍ ଟ୍ରଫି ସହ ଅବଶିଷ୍ଟ ଭାରତ ଏକାଦଶ ଦଳ ।

ଅବଶିଷ୍ଟ ଭାରତ ଟାଇଟଲ ବଜାୟ ରଖିଲା

ଇରାନୀ କପ୍

ଗ୍ୱାଲିୟର, ୫।୩ (ପି.ଟି.)

ମଧ୍ୟ ପ୍ରଦେଶକୁ ୨୩୮ ରନରେ ପରାସ୍ତ କରି ଅବଶିଷ୍ଟ ଭାରତ ଦଳ ସମ୍ମାନଜନକ ଇରାନୀ କପ୍ ଟାଇଟଲ ବଜାୟ ରଖିଛି। ଅସମ୍ଭବ ମନେ ହେଉଥିବା ୪୩୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି ମଧ୍ୟ ପ୍ରଦେଶ ୫୮. ୪ ଓଭରରେ ୧୯୮ ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାଚ ୫ମ ଦିବସ ହଖେଳ ଓପନିଂ ସେସନରେ ଶେଷ ହୋଇଯାଇଥିଲା। ଚଳିତ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଯେପରି ଭାବେ ଶେଷ ହେଲା ସେ ନେଇ ଇନ୍ଦୋର ପିଚ୍‌କୁ ଆଇସିସି ନିମ୍ନମାନର ବୋଲି ଦର୍ଶାଇବାର ସହ ୩ ଡିମେରିଟ୍ ପଏଣ୍ଟରେ ଦଣ୍ଡିତ କରିଥିଲା। ହେଲେ ଗ୍ୱାଲିୟର ଟ୍ରାକ୍ ଖେଳର ସମସ୍ତ ବିଭାଗକୁ ସହାୟକ ହୋଇଥିଲା। ମ୍ୟାଚରେ ୪ଟି ଶତକ ସ୍କୋର ହୋଇଥିଲା। ୪୦ଟି ଉଇକେଟ ପତନ ଘଟିଥିଲା ଏବଂ ଉଭୟ ପେସ୍ ଓ ସ୍ପିନ ବୋଲରଙ୍କୁ ସମାନ ଫାଇଦା ମଳିଥିଲା। ମଧ୍ୟ ପ୍ରଦେଶର ଦ୍ୱିତୀୟ ଇନିଂସରେ ପେସ୍ ଓ ସ୍ପିନ ବୋଲରମାନେ ୫ଟି ଲେଖାଏଁ ଉଇକେଟ ବାଣ୍ଟିକରି ନେଇଥିଲେ। ସିମ୍ ବୋଲର ମୁକେଶ କୁମାର (୨/୩୪), ଅଜିତ ଶେଠ୍ (୨/୩୭) ଓ ନବଦୀପ ସଇନି (୧/୩୪) ମଧ୍ୟ ପ୍ରଦେଶ ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିବା ବେଳେ ମିଡଲ ଓ ଲେଗ ଏଣ୍ଡରରେ ଅଫ୍ ସ୍ପିନର ପୁଲକିତ ନାରଙ୍ଗ (୨/୨୭) ଓ ବାମହାତୀ ସ୍ପିନର ସୌରଭ କୁମାର (୩/୬୦) କ୍ରମେ ଖରାପ ଅବସ୍ଥାକୁ ଚାଲି ଆସିଥିବା ପିଚ୍‌ରୁ ଫାଇଦା ଉଠାଇଥିଲେ। ସକାଳେ ଅଧିନାୟକ ହିମାଂଶୁ ମନ୍ତ୍ରୀ (୫୧) ଅମ୍ପାୟର ରୋହନ ପଣ୍ଡିତଙ୍କ ବିବାଦୀୟ ନିଷ୍ପତ୍ତିରେ କଟ୍ ବିହାଇଣ୍ଡ ହୋଇଥିଲେ। ପରେ ମଧ୍ୟପ୍ରଦେଶ ନିୟମିତ ଉଇକେଟମାନ ହରାଇବାରେ ଲାଗିଥିଲା। ମ୍ୟାଚ୍‌କୁ ଫେରିବା ଲାଗି କୌଣସି ସୁଯୋଗ ନ ଥିଲା। ଅବଶିଷ୍ଟ ଭାରତ ଦଳ ମୁଖ୍ୟତଃ ଭାରତ'ଏ' ଖେଳାଳିଙ୍କୁ ନେଇ ଗଠିତ। ଦୁଇଟି ଇନିଂସ (୨୧୩ ଓ ୧୪୪ରନ)ରେ ମୋଟ ୩୫୭ରନ ସଂଗ୍ରହ କରିଥିବା ଯଶସ୍ୱୀ ଜୈସ୍ୱାଲ ମ୍ୟାଚରେ ସବୁଠାରୁ ଅଧିକ ରନ ସଂଗ୍ରହ କରିଥିଲେ। ଜୈସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ସଂକ୍ଷିପ୍ତ ସ୍କୋର

ଅବଶିଷ୍ଟ ଭାରତ ପ୍ରଥମ ଇନିଂସ: ୪୮୪। ମଧ୍ୟପ୍ରଦେଶ ପ୍ରଥମ ଇନିଂସ: ୨୯୪। ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ: ୨୪୬। ମଧ୍ୟ ପ୍ରଦେଶ ଦ୍ୱିତୀୟ ଇନିଂସ: ୫୮.୪ ଓଭରରେ ୧୯୮/ଅଲଆଉଟ (ହିମାଂଶୁ ମନ୍ତ୍ରୀ-୫୧, ହର୍ଶ ଗାଓଲି-୪୮; ସୌରଭ କୁମାର-୩/୬୦, ପୁଲକିତ ନାରଙ୍ଗ-୨/୨୭, ମୁକେଶ କୁମାର-୨/୩୪, ଅଜିତ ଶେଠ୍-୨/୩୭)।

ସୂର୍ଯ୍ୟାଂଶୁ ଚାମ୍ପିୟନ

ସ୍କୁଲ୍ସ ଓପନ ଚେସ୍

ଭୁବନେଶ୍ୱର, ୫।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ଦ୍ୱିତୀୟ ଗୋଲାପ ଦେଇ ମେମୋରିଆଲ ସ୍କୁଲ୍ସ ଓପନ ଚେସ୍‌ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ସୂର୍ଯ୍ୟାଂଶୁ ମହାକୁଡ଼ ଚାମ୍ପିୟନ ହୋଇଛନ୍ତି। ସେ ୫ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ୪.୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲଳିତ ରଞ୍ଜନ ସାହୁ, ବିନିତ ନାୟକ, ଅଂଶୁମାନ ପତି, ରିଷିତ ଦେବନାଥ, ଅଞ୍ଜଳି ମିଶ୍ର, ଅର୍ନବ ମହାନ୍ତି, ଆରିହନ ମିଶ୍ର, ଓମ୍ କ୍ରିଷ୍ଣ ପ୍ରଧାନ ଓ ଜ୍ୟୋତିରାଦିତ୍ୟ ପାତ୍ର ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକ୍ ଗ୍ରୁପ୍ ପୁରସ୍କାର ଏବଂ ୬ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତା ଟଙ୍କପାଣୀ ରୋଡସ୍ଥିତ ସାଇ ବୀଣାପାଣୀ ଜ୍ଞାନମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଏମସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥି ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହରପ୍ରିୟା ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ଦେବାଶିଷ ପାଣିଗ୍ରାହୀ, ଗୋଲାପ ଦେଇଙ୍କ ପୁତ୍ର ବିଶ୍ୱନାଥ ବେହେରା, ସାଇ ବିଣାପାଣୀ ଜ୍ଞାନମନ୍ଦିର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ନିମପୁର ସ୍ପୋର୍ଟ୍ସ କ୍ଲବର ଖେଳାଳିମାନେ ।

ନିମପୁର ଜିତିଲା ବରଦା କପ

ଭୁବନେଶ୍ୱର, ୫।୩ (ସ୍ପୋର୍ଟ୍ସ ବ୍ୟୁରୋ)

ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ବରଦା ବେଲବଣ ଯଜ୍ଞ ପଡ଼ିଆରେ ସାର୍ଥକ କ୍ଲବ ଆନୁକୂଲ୍ୟରେ ଉନ୍ମେଷ ସାମଲଙ୍କ ସ୍ମୃତିରେ ଆୟୋଜିତ ୩୭ ତମ ବରଦା କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ କଟକର ରୋଭର୍ସ କ୍ରିକେଟ କ୍ଲବ୍‌କୁ ୧୧ ରନରେ ହରାଇ ଜଗତପୁରର ନିମପୁର ସ୍ପୋର୍ଟ୍ସ କ୍ଲବ ଚାମ୍ପିୟନ ହୋଇଛି।

ନିମପୁର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୨୩୦ ରନ କରିଥିଲା। ଜବାବରେ ରୋଭର୍ସ କ୍ଲବ୍ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୨୧୯ ରନ କରିବାକୁ ସକ୍ଷମ ହୋଇଥିଲା। ନିମପୁର ସ୍ପୋର୍ଟ୍ସର ବିକ୍ରମ୍ ସାମଲ ୬୬ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଅଧିନାୟକ ସ୍ୱାଧୀନ ପାତ୍ର ଦୁଇଟି ଅର୍ଦ୍ଧ ଶତକ ଏବଂ ୪୯ ରନ କରି ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ଲାଭ କରିଥିଲେ। ଉଦଯାପନୀ ଉତ୍ସବରେ ଓଡ଼ିଶାର ପୂର୍ବତନ ରଣଜୀ ଖେଳାଳୀ ବସନ୍ତ ମହାନ୍ତି ମୁଖ୍ୟ ଅତିଥି ,ରୁଚି ଉଦ୍ୟୋଗର ବରିଷ୍ଠ ଲୋକ ସଂପର୍କ ଅଧିକାରୀ ଶୁଭେନ୍ଦୁ କୁମାର ଭୂୟାଁ , ବୌଦ୍ଧ ଗବେଷକ ହରିଶ୍ଚନ୍ଦ୍ର ପୃଷ୍ଟି ଏବଂ ପୂର୍ବତନ ପ୍ରଧାନ ଶିକ୍ଷକ ଉମାକାନ୍ତ ବଳ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଏବଂ ରୋଭର୍ସ ଦଳକୁ ରୁଚି ପ୍ରତିଭା ଟ୍ରଫି ସହିତ ୧୦,୦୦୦ ଟଙ୍କାର ଅର୍ଥ ରାଶି ପୁରସ୍କାର ଆକାରରେ ପୁରସ୍କାର ପ୍ରଦାନ କରିଥିଲେ। ସାର୍ଥକ କ୍ରିକେଟ କ୍ଲବର ସଭାପତି ମନୋଜ କୁମାର ସାମଲ, ସମ୍ପାଦକ ସୋଲାଙ୍କି ସାମଲ, କମଳାକାନ୍ତ ସାମଲ, ବିଶ୍ୱଜିତ ସାମଲ, ରାକେଶ ସାମଲ, କିଶୋର ଓଝା, ଜ୍ୟୋତିସ୍ମାନ ସାମଲ, ଆୟୁଷ୍ମାନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିନୋଦ ରାଉତ, ଲିଟୁ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲା ବେଳେ ଦିଲ୍ଲୀପ ସାମଲ ଓ ଗୁରୁଗୋବିନ୍ଦ ସାମଲ ସ୍କୋରର ଥିଲେ। ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ ଦୀନବନ୍ଧୁ ବେହେରା, ପ୍ରତାପ ସାମଲ ଓ ଶେଖ୍ ଅସ୍ରଫୁଲ ହୋଦା।

ଡବ୍ଲ୍ୟୁପିଏଲ୍ ଅନେକଙ୍କ ପାଇଁ ପ୍ରେରଣା: ନୀତା ଅମ୍ବାନୀ

ଭୁବନେଶ୍ୱର, ୫।୩ (ସ୍ପୋର୍ଟ୍ସ ବ୍ୟୁରୋ): ମୁମ୍ବାଇସ୍ଥିତ ଡି.ୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)। ଏହା ଅନେକ ବାଳିକାଙ୍କ ଲାଗି ପ୍ରେରଣାର ଉତ୍ସ ହେବ ବୋଲି ଇଭେଣ୍ଟର ଅନ୍ୟତମ ଅଂଶଗ୍ରହଣକାରୀ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଦଳର ମାଲିକାଣୀ ନୀତା ଅମ୍ବାନୀ ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ତାଙ୍କ ଦଳ ୧୪୩ ରନରେ ଗୁଜରାଟ ଜାଏଣ୍ଟସ୍‌କୁ ପରାସ୍ତ କରିଛି। ଷ୍ଟାଡିୟମରେ ଉପସ୍ଥିତ ମହିଳା କ୍ରିକେଟର ଉଭୟ ମହିଳା ଓ ପୁରୁଷ ସମର୍ଥକ ପ୍ରତିଟି ମୁହୂର୍ତ୍ତରେ ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ନୀତା ଅମ୍ବାନୀ ନିଜେ ମଧ୍ୟ ମ୍ୟାଚ ଉପଭୋଗ କରୁଥିଲେ। ଡବ୍ଲ୍ୟୁପିଏଲ୍‌ର ଉଦ୍‌ଘାଟନୀ ଦିବସକୁ କେବେ ଭୁଲି ହେବ ନାହିଁ। କ୍ରୀଡ଼ାରେ ମହିଳାଙ୍କ ଲାଗି ଏହା ଏକ ଉଲ୍ଲେଖନୀୟ ଦିବସ ଓ ମୁହୂର୍ତ୍ତ। ଖେଳରେ ଏକ କ୍ୟାରିୟର ପାଇଁ ଡବ୍ଲ୍ୟୁପିଏଲ୍ ସହାୟକ ହେବ। ଦିନକୁ ଦିନ ଅଧିକରୁ ଅଧିକ ମହିଳା ଖେଳ ପ୍ରତି ଆକୃଷ୍ଟ ହେବେ ବୋଲି ନୀତା ଆଶାପ୍ରକାଶ କରିଛନ୍ତି। ମ୍ୟାଚବେଳେ ବଡ଼ ପାଟିରେ ଚିତ୍କାର କରି ଖେଳାଳିଙ୍କୁ ଉତ୍ସାହିତ କରି ସେ ତାଙ୍କ ଉପସ୍ଥିତି ଜାହିର କରିଥିଲେ। ଉଦ୍‌ଘାଟନୀ ଟୁର୍ନାମେଣ୍ଟରେ ଭାଗନେଇଥିବା ସମସ୍ତ ଦଳର ଭଲ ପ୍ରଦର୍ଶନ ନେଇ ଶୁଭକାମନା ମଧ୍ୟ କରିଥିଲେ।

ଅନ୍ତିମ ମ୍ୟାଚ ଖେଳିଲେ ସାନିଆ

ହାଇଦ୍ରାବାଦ, ୫।୩ (ପି.ଟି.)

ଭାରତୀୟ ଟେନିସ କିମ୍ବଦନ୍ତୀ ସାନିଆ ମିର୍ଜା ରବିବାର ତାଙ୍କ କ୍ୟାରିୟରର ଅନ୍ତିମ ମ୍ୟାଚ ରବିବାର ଖେଳିଛନ୍ତ, ଯେଉଁଠାରେ ସେ ଆରମ୍ଭ କରିଥିଲେ। ସ୍ଥାନୀୟ ଲାଲବାହାଦୁର ଷ୍ଟାଡିୟମରେ ସେ ରୋହନ ବୋପାନ୍ନା, ଯୁବରାଜ ସିଂ ଓ ତାଙ୍କ ବାନ୍ଧବୀ ବେଥାନି ମାଟେକ୍-ସାଣ୍ଡ, ଇଭାନ୍ ଡୋଗିଗ୍, କାରା ବ୍ଲାକ୍ ଓ ମାରିଅନ ବାର୍ତ୍ତୋଲିଙ୍କୁ ନେଇ ପ୍ରଦର୍ଶନୀ ମ୍ୟାଚ ଖେଳିଥିଲେ। ଏଥିସହ ସେ ତାଙ୍କ କ୍ୟାରିୟରକୁ ଗୁଡ୍‌ବାଏ କରିଥିଲେ। ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ସେ ଏଠାରେ ଏକ ଐତିହାସିକ ଡବ୍ଲ୍ୟୁଟିଏ ଟାଇଟଲ ସଫଳତା ହାସଲ କରିଥିଲେ। ମ୍ୟାଚ ଖେଳିସାରିବା ପରେ ସାନିଆଙ୍କ ଆଖିରେ ଆନନ୍ଦାଶ୍ରୁ ଦେଖିବାକୁ ମିଳିଥିଲା। ପ୍ରଦର୍ଶନୀ ମ୍ୟାଚ ଦେଖିବା ଲାଗି ଆସିଥିବା ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଥିଲେ, କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିଜୁ, ଭାରତ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ମହମ୍ମଦ ଆଖାରୁଦ୍ଦିନ, ଯୁବରାଜ ସିଂ ରବିନ ଉଥାପ୍ପା, ଅନନ୍ୟା ବିର୍ଲା, ହୁମା କୁରେଶୀ ଦୁଲକେର ସଲମନ, ତାଙ୍କ ପ୍ରଶଂସକ, ବନ୍ଧୁ ପରିଜନ, କ୍ରୀଡ଼ା ବ୍ୟକ୍ତିତ୍ୱ ଏବଂ ସାନିଆ ମିର୍ଜା ଟେନିସ ଏକାଡେମୀର ଛାତ୍ରୀଛାତ୍ର। ଏହି ଅବସରରେ ୬ଥର ଗ୍ରାଣ୍ଡସ୍ଲାମ ବିଜେତା (୩ଥର ମହିଳା ଡବଲ୍ସ ଓ ୩ଥର ମିକ୍ସଡ ଡବଲ୍ସ) ତାଙ୍କ ବିଦାୟୀ ଭାଷଣ ଦେବାବେଳେ ଭାବ ପ୍ରବଣ ହୋଇ ପଡ଼ିଥିଲେ। ଦେଶ ପାଇଁ ଦୀର୍ଘ ୨୦ ବର୍ଷ ଧରି ଖେଳିବା ତାଙ୍କ ପାଇଁ ସବୁଠାରୁ ବଡ଼ ସମ୍ମାନ ବୋଲି କହିଥିଲେ।

ସାନିଆ ମିର୍ଜା ।

ଆଜିଠୁ ବକ୍ସ ଅଫିସରେ ଟିକେଟ ବିକ୍ରି

ଅନ୍‌ଲାଇନ୍ ଟିକେଟ ରିଡେମ୍ପଶନ ହେବ

ଭୁବନେଶ୍ୱର, ୫।୩ (କ୍ରୀଡ଼ା ପ୍ରତିନିଧି)

ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଭାରତ, ଅଷ୍ଟ୍ରେଲିଆ ଓ ବିଶ୍ୱ ଚାମ୍ପିୟନ ଜର୍ମାନୀକୁ ନେଇ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ ଚଳିତ ମାସ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବକ୍ସ ଅଫିସ ଟିକେଟ ବିକ୍ରି ସୋମବାରଠାରୁ ଆରମ୍ଭ ହେବ। ଅନ୍‌ଲାଇନ୍‌ରେ ଟିକେଟ କ୍ରୟ କରିଥିବା କ୍ରୀଡ଼ାପ୍ରେମୀମାନେ ଏହି ସମୟରେ ରିଡେମ୍ପଶନ ମଧ୍ୟ କରିପାରିବେ। ବିର୍ସାମୁଣ୍ଡା ହକି ଷ୍ଟାଡିୟମ କାଉଣ୍ଟରରେ ଟିକେଟ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ହୋଲି ଉତ୍ସବ ପାଇଁ ୮ ତାରିଖ ଦିନ ଟିକେଟ କେବଳ ଅପରାହ୍ନ ୪ଟାରୁ ରାତି ୭ଟା ପର୍ଯ୍ୟନ୍ତ ମିଳିବ। ବିର୍ସାମୁଣ୍ଡା ହକି ଷ୍ଟାଡିୟମର ଗେଟ୍ ନମ୍ବର ୨ରେ ନର୍ଥ ଓ ଇଷ୍ଟ ଷ୍ଟାଣ୍ଡ ଏବଂ ଗେଟ୍ ନମ୍ବର ୬ରେ ସାଉଥ୍ ଓ ୱେଷ୍ଟ ଷ୍ଟାଣ୍ଡ ପାଇଁ ଟିକେଟ ମିଳିବ ଏବଂ ରିଡେମ୍ପଶନ ହୋଇପାରିବ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତର ପୂର୍ବ ହୋମ୍ ଗେମ୍ ଗୁଡ଼ିକ ଗତବର୍ଷ ଅକ୍ଟୋବରରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡକୁ ୨ଟି ମ୍ୟାଚରେ ଯଥାକ୍ରମେ ୪-୩ ଓ ୭-୪ ଗୋଲରେ ହରାଇଥିବାବେଳେ ସ୍ପେନଠାରୁ ୨-୩ ଗୋଲରେ ହାରିଥିଲା ଏବଂ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଏଥର କିନ୍ତୁ ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ଭାରତର ହୋମ୍ ମ୍ୟାଚ ଅନୁଷ୍ଠିତ ହେବ। ଭାରତ ସାମିଲଥିବା ମ୍ୟାଚ ଗୁଡ଼ିକରେ ୱେଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୫୦୦, ଇଷ୍ଟ ୪୦୦ ଏବଂ ନର୍ଥ ଓ